# ଆମ ଭାଷା ଆମ ସାହିତ୍ୟ

## ତୃତୀୟ ଶ୍ରେଣୀ




ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଆମ ଭାଷା
# ଆମ ସାହିତ୍ୟ
## ତୃତୀୟ ଶ୍ରେଣୀ


**ସଂପାଦକ ମଣ୍ଡଳୀ:**

ଡ. କୈଳାଶ ଚନ୍ଦ୍ର ଟିକାୟତରାୟ
ଡ. ସରୋଜ କାନ୍ତ ରଥ
ଶ୍ରୀ ବିପିନ ବିହାରୀ ବିଶି
ଶ୍ରୀମତୀ ସ୍ମିତା ପଟ୍ଟନାୟକ

**ସମୀକ୍ଷକ ମଣ୍ଡଳୀ:**

ଡ. ଚକ୍ରଧର ବିଶ୍ୱାଳ
ଶ୍ରୀମତୀ ଆରତି ପଣ୍ଡା
ଡ. ଦୁର୍ଯ୍ୟୋଧନ ଦାଶ

**ସଂଯୋଜନା:**

ଡ. ପ୍ରୀତିଲତା ଜେନା
ଡ. ତିଳୋତ୍ତମା ସେନାପତି
ଡ. ସବିତା ସାହୁ



**ପ୍ରକାଶକ :**

ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ
ଓଡ଼ିଶା ସରକାର


**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର


**ମୁଦ୍ରଣ :**

ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର




ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି



## ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"



# ଭାରତର ସମ୍ବିଧାନ

## ପ୍ରସ୍ତାବନା

ଆମ୍ଭେ ଭାରତବାସୀ ଭାରତକୁ ଏକ ସାର୍ବଭୌମ, ସମାଜବାଦୀ, ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ସାଧାରଣତନ୍ତ୍ର ରୂପେ ଗଠନ କରିବା ପାଇଁ ଦୃଢ଼ ସଂକଳ୍ପ ନେଇ ଓ ଏହାର ନାଗରିକଙ୍କୁ

- ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ ;
- ଚିନ୍ତା, ଅଭିବ୍ୟକ୍ତି, ପ୍ରତ୍ୟୟ, ଧର୍ମୀୟ ବିଶ୍ୱାସ ଏବଂ ଉପାସନାର ସ୍ୱତନ୍ତ୍ରତା ;
- ସ୍ଥିତି ଓ ସୁବିଧା ସୁଯୋଗର ସମାନତାର ସୁରକ୍ଷା ପ୍ରଦାନ କରିବାକୁ ତଥା ;
- ବ୍ୟକ୍ତି ମର୍ଯ୍ୟାଦା ଏବଂ ରାଷ୍ଟ୍ରର ଐକ୍ୟ ଓ ସଂହତି ନିଶ୍ଚିତ କରି ସେମାନଙ୍କ ମଧ୍ୟରେ ଭ୍ରାତୃଭାବ ଉତ୍ସାହିତ କରିବାକୁ

ଏହି ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ଆମର ସଂବିଧାନ ପ୍ରଣୟନ ସଭାରେ ଏତଦ୍ୱାରା ଏହି ସଂବିଧାନକୁ ଗ୍ରହଣ ଓ ପ୍ରଣୟନ କରୁଅଛୁ ଏବଂ ଆମ ନିଜକୁ ଅର୍ପଣ କରୁଅଛୁ ।

# ସୂଚୀପତ୍ର


| ପ୍ରସଙ୍ଗ | | ପୃଷ୍ଠା |
|---|---|---|
| ୧. | ସେହି ମୋ ପ୍ରିୟ ଜନମ ଭୂଇଁ (ପଦ୍ୟ) | ୧ |
| ୨. | ଆସରେ ଧରିବା ଜହ୍ନ | ୭ |
| ୩. | କହିବା ଆଗରୁ କରିବା | ୧୨ |
| ୪. | ଭାସି ଯାଆ ମୋର କାଗଜ ଡଙ୍ଗା (ପଦ୍ୟ) | ୧୯ |
| ୫. | ପୁଣି ସେମାନେ ହସିଲେ | ୨୫ |
| ୬. | ତୁଳସୀ ଦୁଇ ପତ୍ରରୁ ବାସେ | ୩୨ |
| ୭. | ତୁମପରି ଛୋଟ ପିଲାଟିଏ (ପଦ୍ୟ) | ୩୯ |
| ୮. | ସବୁ ସୁନ୍ଦର | ୪୪ |
| ୯. | ସାହାଯ୍ୟର ସୁଫଳ | ୪୯ |
| ୧୦. | ଟିକି ଫୁଲଟିର ବାସ (ପଦ୍ୟ) | ୫୬ |
| ୧୧. | ସାନ ସିନା, ଦାନ ତା' ମହାନ | ୬୧ |
| ୧୨. | ଜାତୀୟ କବି ବୀରକିଶୋର (ପଦ୍ୟ) | ୬୯ |
| ୧୩. | ଅନେକ ଫୁଲର ମାଳଟିଏ | ୭୪ |
| ୧୪. | ବଣ ଅଦାଲତ | ୮୦ |
| ୧୫. | ବଣ ଓ ବଣି (ପଦ୍ୟ) | ୯୦ |
| ୧୬. | ବିପ୍ଳବୀ ବକ୍ସି ଜଗବନ୍ଧୁ | ୯୫ |


## ଶିକ୍ଷକଙ୍କ ପାଇଁ ସୂଚନା

- ଯେ କୌଣସି ପାଠ ଆରମ୍ଭରୁ ଆବଶ୍ୟକ ଶିକ୍ଷଣ ସାମଗ୍ରୀ ସଂଗ୍ରହ ଏବଂ ପ୍ରସ୍ତୁତ କରି ଶ୍ରେଣୀରେ ସେଗୁଡ଼ିକୁ ବ୍ୟବହାର କରିବେ।
- କବିତା ପଢ଼ାଇବା ପାଇଁ ଉପଯୁକ୍ତ ଅଙ୍ଗଭଙ୍ଗୀ କରି ଛନ୍ଦରେ ଗାଇବେ ଓ ପିଲାମାନଙ୍କ ଦ୍ୱାରା ସେହିପରି ଅଭ୍ୟାସ କରାଇବେ।
- ଗଳ୍ପ, ପ୍ରବନ୍ଧ ଇତ୍ୟାଦି ପଢ଼ାଇବା ପୂର୍ବରୁ ସରଳ ଭାଷାରେ ପ୍ରଥମେ ବିଷୟବସ୍ତୁଟିକୁ ଉପସ୍ଥାପନ କରିବେ। ଏଥିପାଇଁ ଶିକ୍ଷକ ନିଜସ୍ୱ ଶୈଳୀ ପ୍ରୟୋଗ କରିବେ।
- ଏକାଙ୍କିକା ପଢ଼ାଇବାପାଇଁ ଅଭିନୟ ସହ ଚରିତ୍ରମୁଖୀ ଶୈଳୀରେ ସଂଳାପ ଉପସ୍ଥାପନ କରିବେ। ଅଭ୍ୟାସପାଇଁ ପିଲାମାନଙ୍କ ଦ୍ୱାରା ଶ୍ରେଣୀଗୃହରେ ଅଭିନୟ କରାଇବେ।
- ଯେ କୌଣସି ପାଠ ପଢ଼ାଇବା ଆରମ୍ଭରୁ ବିଷୟ ସଂପର୍କରେ ଛୋଟଛୋଟ ଗୀତ, ଢଗଢମାଳି ବା କାହାଣୀ କହି ସକ୍ରିୟାତ୍ମକ କାର୍ଯ୍ୟ କରିବେ।


# ସେହି ମୋ' ପ୍ରିୟ ଜନମ ଭୂଇଁ



ଯେଉଁ ଦେଶରେ ଜନମ ମୋର
ଯାହାର କୋଳେ ବଢୁଛି ମୁହିଁ,
ଜନନୀ ପରି ପାଳୁଛି ଯିଏ
ସେହିତ ମୋର ଜନମ ଭୂଇଁ ।



ଗହନ ବନ ଶ୍ୟାମଳ ତରୁ
ଗହଳ ଲତା ଦେହେ ତା' ଶୋହେ,
ଡାଳରୁ ଡାଳେ ବିହଙ୍ଗ ଉଡ଼ି
ମଧୁର ଗାନେ ପରାଣ ମୋହେ ।




ତାରକା ମେଳେ ଆକାଶେ ତା'ର
ଜୋଛନା ଢାଳେ ବିମଳ ଶଶୀ,
ଗୋଟିକି ଗୋଟି କୁସୁମ ଫୁଟି
କୋଳେ ତା' ଲୋଟି ଉଠଇ ହସି ।



ସାଗରେ ନୀଳ ଲହରୀ ମାଳ
ନାଚି ନାଚି ତା' ଚରଣ ଧୁଏ,
ଖେଳି ଖେଳିକା ଝରଣା କେତେ
ସରାଗେ ତା'ର ଦେହଟି ଛୁଏଁ ।

ସେହି ଦେଶର ପଲ୍ଲୀ ପୁରେ
ଆପଣା ପର ବିଚାର ନାହିଁ,
ସବୁରି ସାଥେ ଖେଳେ ମୁଁ ହସି
ସଭିଏଁ ମୋର ଭଉଣୀ ଭାଇ ।



ତାହାରି ସୁଖ କାମନା ଆମ
ତାହାରି ସେବା ଆମରି କାମ,
ତାହାରି ପାଇଁ ଜୀବନ ଢାଳି
ରଖିବା ଆମେ ତାହାରି ନାମ ।

ସେହିତ ଗଢ଼େ ଜୀବନ ମୋର
ସେନେହେ ତା'ର ବଢୁଛି ମୁହିଁ,
ତାହାଠୁ ବଡ଼ ନାହିଁ କେ ଆଉ
ସେହି ମୋ' ପ୍ରିୟ ଜନମ ଭୂଇଁ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ବିହଙ୍ଗ, ବିମଳ, ଜୋଛନା, କୁସୁମ, ଶଶୀ, ଶ୍ୟାମଳ, ସରାଗ, ପଲ୍ଲୀ, ସେନେହେ, କାମନା, ମୋହେ, ଶୋହେ

### ଶିକ୍ଷକଙ୍କପାଇଁ ସୂଚନା

- ଗାଁ, ଜିଲ୍ଲା , ପ୍ରଦେଶ ଓ ଦେଶ ସମ୍ବନ୍ଧରେ ଧାରଣା ଦେବେ ।
- ଦେଶର ସୁନାମ ରଖିବା ପ୍ରସଙ୍ଗରେ ଦେଶସେବା, ବିଦ୍ୟାର୍ଜନ, ବିଜ୍ଞାନ ପ୍ରଭୃତି କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିମାନଙ୍କର ଉଦାହରଣ ଦେଇ ବୁଝାଇବେ ।
- ମିଳିମିଶି ଚଳିବା, ଦେଶାତ୍ମବୋଧ ଇତ୍ୟାଦି ମନୋଭାବ ସୃଷ୍ଟି କରାଇବେ ।
- ନିଜ ଜନ୍ମଭୂମି ପ୍ରତି କର୍ତ୍ତବ୍ୟ ବିଷୟରେ ପିଲାମାନଙ୍କୁ ଧାରଣା ଦେବେ ।

## ଅଭ୍ୟାସ

୧. ଆସ ଆମେ ଜାଣିବା ଆମ ମାଟି ମା'ର କଥା ।

(କ) ଆମ ଦେଶର ନାମ କ'ଣ ?

(ଖ) ଆମ ଜନ୍ମଭୂମିର ନାମ କ'ଣ ?

(ଗ) ଜନ୍ମଭୂମିର ପାଦ କିଏ ଧୋଇଦିଏ ?

(ଘ) କେଉଁମାନେ ଆମର ଭଉଣୀ ଭାଇ ?

(ଙ) ଆମେ ଜନ୍ମଭୂମିର ନାମ କିପରି ରଖିବା ?



୨.




"ସାଗରେ ନୀଳ ଲହରୀ ମାଳ
ନାଚି ନାଚି ତା' ଚରଣ ଧୁଏ,
ଖେଳି ଖେଳିକା ଝରଣା କେତେ
ସରାଗେ ତା'ର ଦେହଟି ଛୁଏଁ।"

ଏହି ପଦରେ ଥିବା – ସାଗର ଓ ନୀଳ ଲହରୀର ଚିତ୍ର ମାନଚିତ୍ରରେ ସଜାଇ ଦିଅ।

୩. **"ଗହନ ବନ ଶ୍ୟାମଳ ତରୁ**
**ଗହଳ ଲତା ଦେହେ ତା' ଶୋହେ,**
**ଡାଳରୁ ଡାଳେ ବିହଙ୍ଗ ଉଡ଼ି**
**ମଧୁର ଗାନେ ପରାଣ ମୋହେ।"**

ଏହି ପଦଟିରେ ଯାହା କୁହାଯାଇଛି, ତାକୁ ନେଇ ଚିତ୍ରଟିଏ ଆଙ୍କ।

୪. **'ଜନନୀ ପରି ପାଳୁଛି ଯିଏ**
**ସେହି ତ ମୋର ଜନମ ଭୂଇଁ।'**

ଏହି ପଦଟିକୁ ପଢ଼ି **'ଯିଏ'** ଏବଂ **'ସେହି ତ'** କାହା ଉଦ୍ଦେଶ୍ୟରେ ପ୍ରୟୋଗ କରାଯାଇଛି ତିନୋଟି ବାକ୍ୟରେ ଲେଖ।

___

___

___

୫. ମଝି ଗୋଲ ଭିତରୁ ଶବ୍ଦଗୁଡ଼ିକର ପ୍ରତିଶବ୍ଦ ଆଣି ସେମାନଙ୍କର ପାଖ ଘରେ ଲେଖ।

ଜନନୀ [ ]
ବିହଙ୍ଗ [ ]
ମଧୁର [ ]

ଭଗିନୀ, ମାତା, ଶାଶୁ, ପଶୁ, ପକ୍ଷୀ, ପିତା, ମିଠା, ସଫା, କଷା, ଖରା, ଚନ୍ଦ୍ରକିରଣ, ଜହ୍ନ, ଗୋଳିଆ, ସୂର୍ଯ୍ୟ

ଜୋଛନା [ ]
ବିମଳ [ ]
ଶଶୀ [ ]

୬. ସେହି ଦେଶର ପଲ୍ଲୀ ପୁରେ

ଆପଣା ପର ବିଚାର ନାହିଁ ।

କ) 'ସେହି ଦେଶର' - କେଉଁ ଦେଶକୁ ବୁଝାଉଛି ? ____________

ଖ) ଏଠି 'ପଲ୍ଲୀ ପୁରେ' ର ଅର୍ଥ କ'ଣ ? ____________

ଗ) 'ଆପଣା ପର ବିଚାର ନାହିଁ' ର ଅର୍ଥ କ'ଣ ? ____________

୭. କୋଠରି ଭିତରୁ ଶବ୍ଦ ଆଣି ଶୂନ୍ୟସ୍ଥାନ ପୂରଣ କର । ଏବେ ତାକୁ ପଢ଼ ।

| |
|---|
| ଗୀତ, ଚକିତ |
| ଜଗତ, ଭାରତ |
| ମହତ |

ସାରା ____________ ରେ ଆମ ____________

ଶୁଣାଇ ସଭିଙ୍କୁ ଶାନ୍ତିର ____________


ପୃଥିବୀବାସୀଙ୍କୁ କରେ ____________

ଆସରେ ରଖିବା ତାର ____________

୮. ଯେପରି

ମଧୁର  ଗାନ

ସେହିପରି ତଳ ବନ୍ଧନୀ ମଧ୍ୟରୁ ଶବ୍ଦ ଆଣି ଚିତ୍ରର ଦୁଇ ପାଖ ଘରେ ଲେଖ ।



ଗହନ, ଶ୍ୟାମଳ, ଗହଳ, ନୀଳ, ଲତା, ବନ, ତରୁ, ସାଗର

୯. ଯେପରି 'ଖେଳି ଖେଳି' ହୁଏ - 'ଖେଳି ଖେଳିକା' ସେହିପରି କ'ଣ ହେବ ଲେଖ ।

ହସି ହସି ____________ ନାଚି ନାଚି ____________ ବସି ବସି ____________ ଗାଇ ଗାଇ ____________

୧୦. କାହାର କାହା ସହ ସମ୍ପର୍କ ଅଛି ଗାର ଟାଣି ଦେଖାଅ ।

| | | |
|---|---|---|
| ଯେପରି | ଜନନୀ → | ଜୋଛନା |
| | ଶଶୀ | → କୋଳ |
| | ସାଗର | ଝରା |
| | ବିହଙ୍ଗ | ଲହରୀ |
| | | ଗାନ |

୧୧. ପଦ୍ୟରେ ଯେଉଁ ଶବ୍ଦଗୁଡ଼ିକ ପଢ଼ିଲେ, ତାକୁ କଥାରେ ଲେଖିବା ।

| **ଗୀତରେ** | **କଥାରେ** |
|---|---|
| ଜନମ → | ଜନ୍ମ |
| ପରାଣ | ______ |
| ଜୋଛନା | ______ |
| ସେନେହ | ______ |

୧୨. ତଳେ ଥିବା ଚିତ୍ରଟିକୁ ଦେଖି ତା' ବିଷୟରେ ୫ଟି ଧାଡ଼ି ଲେଖ ।



______

______


______

______

______

# ଆସରେ ଧରିବା ଜହ୍ନ

ଦଳେ ପିଲାମାଙ୍କଡ଼ ପୋଖରୀରେ ଜହ୍ନକୁ ଦେଖିଲେ । ଆକାଶର ଜହ୍ନକୁ ପାଣି ଭିତରେ ଦେଖି ମାଙ୍କଡ଼ମାନଙ୍କ ଖୁସି କହିଲେ ନ ସରେ । ସେମାନଙ୍କ ଭିତରୁ ଜଣେ କହିଲା, "ଆରେ ଦେଖରେ, ପୋଖରୀ ଭିତରେ ଜହ୍ନ ! ଚାଲ, ତାକୁ ଧରିବା ।"




ଜହ୍ନକୁ କେମିତି ଧରିବେ ସମସ୍ତେ ଉପାୟ ପାଞ୍ଚିଲେ । ସମସ୍ତେ ଉପାୟ ପାଞ୍ଚୁଥିବା ବେଳେ ଜଣେ ଜହ୍ନକୁ ଆଗ ଧରିବା ପାଇଁ ବ୍ୟସ୍ତ ହୋଇ ପଡ଼ିଲା । ତେଣୁ ସେ କିଛି ଚିନ୍ତା ନ କରି ପୋଖରୀ ଭିତରକୁ ମାରିଲା ଗୋଟାଏ କୁଦା । ହେଲେ ଜହ୍ନ କାହିଁ ? ପାଣି ଭିତରୁ ଜହ୍ନ ଏକବାର ଛୁ ।

ପାଣିରେ ପହଁରୁଥିବା ମାଙ୍କଡ଼ଟି କହିଲା, "ଆରେ, କୁଆଡ଼େ ଗଲା ଜହ୍ନ ?" ଅନ୍ୟମାନେ ଗଛ ଉପରୁ କହିଲେ – "ତୋ କୁଦାରେ ବୋଧହୁଏ ସେ ଡରିଗଲା ।" ଓଦା ଜୁଡୁବୁଡୁ ମାଙ୍କଡ଼ଟି ଗଛକୁ ଚଢ଼ି ଅନ୍ୟମାନଙ୍କ ସହ ଡାଳରେ ବସିଲା ।

କିଛି ସମୟ ଗଲା । ମାଙ୍କଡ଼ମାନେ ପୁଣି ଦେଖିଲେ ପୋଖରୀ ଭିତରେ ଜହ୍ନ । ଜହ୍ନକୁ ବାରମ୍ବାର ଅତି ପାଖରେ ଦେଖି ପୁଣି ଇଚ୍ଛା ହେଲା ତାକୁ ଧରିବାପାଇଁ ।

ଏଥର ସେମାନେ ଗୋଟିଏ ନୂଆ ଯୋଜନା କଲେ । ଯୋଜନା କଲାବେଳେ ଚୁପ୍ ଚୁପ୍ କଥାହେଲେ, ନ ହେଲେ ହୁଏତ ଜହ୍ନ ଶୁଣିନେବ । ସେମାନେ ସ୍ଥିରକଲେ, ଜଣେ ଅନ୍ୟ ଜଣକର ହାତ ଧରାଧରି ହୋଇ ଗଛରୁ ତଳକୁ ଲଟକିବେ ଓ ଚୁପ୍‌ଚାପ୍ ଜହ୍ନକୁ ଧରି ପକାଇବେ ।

ଏହିପରି ଯୋଜନା କରି ସେମାନେ ଆରମ୍ଭ କରିଦେଲେ ଜହ୍ନ ଧରିବା କାମ । ଏତେବେଳଯାଏ ବୁଢ଼ାମାଙ୍କଡ଼ଟିଏ ଗଛରେ ଥାଇ ଏମାନଙ୍କର କାମ ଦେଖୁଥାଏ ।



ମାଙ୍କଡ଼ମାନେ ହାତ ଧରାଧରି ହୋଇ ଡାଳରେ ଲଟକୁଥିବା ବେଳେ ପ୍ରଥମ ମାଙ୍କଡ଼ଟି ଧରିଥିବା ଡାଳଟି ହଠାତ୍ ମଡ୍ କରି ଭାଙ୍ଗିଗଲା ।

ତା'ପରେ ......... ତା'ପରେ ........... ତା'ପରେ କ'ଣ ହେଲା ?

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ପାଞ୍ଚିଲେ, କୁଦା, ଲଟକିବା, ସ୍ଥିର କରିବା, ଯୋଜନା, ବାରମ୍ବାର, ଜୁଡୁବୁଡୁ ।

## ଶିକ୍ଷକଙ୍କପାଇଁ ସୂଚନା

- ପ୍ରତିବିମ୍ବ କିପରି ସୃଷ୍ଟି ହୁଏ ବୁଝାଇବାକୁ ଦର୍ପଣରେ ଏବଂ ପାଣିରେ ପରୀକ୍ଷା କରି ଦେଖାଇବେ।
- ପ୍ରତିବିମ୍ବ ବା ଛାଇ ବସ୍ତୁ ନୁହେଁ, ଏହି ଜ୍ଞାନ ପିଲାମାନେ ଅଭିଜ୍ଞତାରୁ ହାସଲ କରିବେ।




୧. ଆସ ଆମେ ତଳେ ଦିଆଯାଇଥିବା ଚିତ୍ର ଦେଖି ଗପଟିକୁ ଆଗେଇ ନେବା ।



୨. ତୁମେ ତୁମ ସାଙ୍ଗମାନଙ୍କୁ ପଚାର, ସେମାନେ କହନ୍ତୁ। ସାଙ୍ଗମାନେ ପଚାରନ୍ତୁ, ତୁମେ କହ ।

(କ) ମାଙ୍କଡ଼ମାନେ କେଉଁଠାରେ ଜହ୍ନକୁ ଦେଖିଲେ ?

(ଖ) କୁଦା ମାରିଥିବା ମାଙ୍କଡ଼ଟି ଜହ୍ନକୁ ଧରିଲା କି ?

(ଗ) ସେ ଜହ୍ନ କୁଆଡ଼େ ଗଲାବୋଲି ପଚାରିବାରୁ ଅନ୍ୟମାନେ କ'ଣ ଉତ୍ତର ଦେଲେ ?

(ଘ) ମାଙ୍କଡ଼ମାନଙ୍କ ଯୋଜନା କିଏ ଶୁଣୁଥିଲା ?

(ଙ) ମାଙ୍କଡ଼ମାନେ ଧରାଧରି ହୋଇ ଲଟକିଲା ବେଳେ କ'ଣ ହେଲା ?

୩. ଉତ୍ତର ଲେଖ ।

(କ) ମାଙ୍କଡ଼ମାନେ କାହିଁକି ଜହ୍ନକୁ ଧରିପାରିଲେ ନାହିଁ ?

________________________________________

________________________________________

(ଖ) ସେମାନେ କାହିଁକି ଚୁପଚୁପ କଥା ହୋଇ ଯୋଜନା କରୁଥିଲେ ?

________________________________________

________________________________________

୪. ଗଛର ଛାଇ, ଦର୍ପଣରେ ତୁମର ପ୍ରତିବିମ୍ବ, ପାଣିରେ ଥିବା ବେଙ୍ଗ, ପାଣି ଭିତରେ ଥିବା ମାଛ, ଜଳରେ ଥିବା ବଗର ଛାଇ - ଏଗୁଡ଼ିକ ଭିତରୁ ଯାହାକୁ ଧରି ପାରିବ, ତାକୁ ଧରି କଳସୀରେ ଭର୍ତ୍ତି କର ।



୫. ଆସ, ତଳେ ଥିବା କୋଠରିରୁ ଶବ୍ଦ ନେଇ ଖାଲି କୋଠରି ପୂରଣ କରିବା ।

| |
|---|
| କହିଲେ ନସରେ, ବୋଧହୁଏ, ବାରମ୍ବାର, ନହେଲେ |

କ) ନାଟକ ଦେଖିବା କଥା ଶୁଣି ମନୁର ଖୁସି ______ ।

ଖ) ଗୀତଟିକୁ ______ ଶୁଣିଲେ ଗୀତଟି ମନେରହେ ।

ଗ) ଏତେବେଳଯାଏ ତୁମେ ଅଙ୍କଟି କରିପାରୁନ, ତୁମେ ______ ମନଦେଇ କରୁନାହଁ ।

ଘ) ଖସଡ଼ା ରାସ୍ତାରେ ସାବଧାନରେ ଚାଲ, ______ ପଡ଼ିଯାଇ ପାର ।

୬. ତଳେ ଦିଆଯାଇଥିବା ଚିତ୍ରରେ ଚଢ଼େଇଟି କ'ଣ କରୁଛି ଓ କାହିଁକି ଏପରି କରୁଛି ପାଞ୍ଚଟି ବାକ୍ୟରେ ଲେଖ ।



______

______

______

______

______

୭. ଜୁଡୁବୁଡୁ, ଧରାଧରି, ଯୋଜନା, ବ୍ୟସ୍ତ – ଶବ୍ଦଗୁଡ଼ିକୁ ଲଗାଇ ଗୋଟିଏ ଗୋଟିଏ ବାକ୍ୟ ଲେଖ ଓ ତୁମ ସାଙ୍ଗକୁ ପଢ଼ାଅ ।


________________________ ________________________

________________________ ________________________

୮. କିଏ କେଉଁ ଗୁଡ଼ି ଉଡ଼ାଇବ ଗାର ଟାଣି ଦେଖାଅ ।




୯. ତଳେ ଦିଆଯାଇଥିବା ଚିତ୍ରକୁ ଦେଖି ଗପଟିଏ ଲେଖ ।



# କହିବା ଆଗରୁ କରିବା

ସାନୁ ବିଦ୍ୟାଳୟରୁ ଘରକୁ ଫେରିଲା । ମା' ତାକୁ ପଚାରିଲେ, "ତୁମ ବିଦ୍ୟାଳୟରେ ଆଜି କ'ଣ କ'ଣ ହେଲା ?"



ସାନୁ କହିଲା – "ଆଜି ପରା ଅକ୍ଟୋବର ଦୁଇ ତାରିଖ । ଆମ ବିଦ୍ୟାଳୟରେ ଗାନ୍ଧିଜୀଙ୍କର ଜନ୍ମଦିନ ପାଳନ କରାଗଲା । ଆମେ ଓ ଆମ ଗୁରୁଜୀମାନେ ବାପୁଙ୍କ ଫଟୋଚିତ୍ରରେ ଫୁଲ ଚଢ଼ାଇଲୁ ।"

"ଆଉ କିଛି ହେଲା ନାହିଁ ?" – ମା' ପଚାରିଲେ ।

ସାନୁ ଉତ୍ତର ଦେଲା – "ହଁ, ଗୁରୁଜୀ ଗାନ୍ଧିଜୀଙ୍କ ବିଷୟରେ ସୁନ୍ଦର ସୁନ୍ଦର କାହାଣୀ ଶୁଣାଇଲେ । ବହୁତ ମଜା ଲାଗିଲା ।"

ମା' – ଆଚ୍ଛା ! କ'ଣ ସବୁ କହିଲେ ?

ସାନୁ – ଗାନ୍ଧିଜୀଙ୍କର ପିଲାଦିନର କେତେକ ଚମତ୍କାର ଘଟଣା ।

ମା' – ଆଉ ତାଙ୍କ ବଡ଼ଦିନର କଥା କିଛି କହିଲେ ନାହିଁ ?

ସାନୁ – ହଁ, ଖୁବ୍ କମ୍ । ତମେ କିଛି କୁହ ନା !

ମା' – କହୁଛି, ଶୁଣ ।

ମା' କାହାଣୀ ଆରମ୍ଭ କଲେ । ସାନୁ ଶୁଣିବାକୁ ଲାଗିଲା । ଥରେ ଗାନ୍ଧିଜୀଙ୍କ ପତ୍ନୀ କସ୍ତୁରବା ବେମାରରେ ପଡ଼ିଥିଲେ । ଔଷଧପତ୍ରରୁ କିଛିବି ସୁଫଳ ମିଳିଲା ନାହିଁ । ଗାନ୍ଧିଜୀ ଚିନ୍ତିତ ହୋଇ ପଡ଼ିଲେ । ସେ ପୁସ୍ତକରୁ ପଢ଼ିଥିଲେ ଯେ, ବେମାରରେ ପଡ଼ିଥିବା ଲୋକ ଲୁଣ ନ ଖାଇଲେ କିଛିଟା ଉପକାର ପାଏ । ତେଣୁ ସେ ଏହି ଉପଦେଶଟି କସ୍ତୁରବାଙ୍କୁ ଦେବା ପାଇଁ ମନସ୍ଥ କଲେ ।



ଗାନ୍ଧିଜୀ କସ୍ତୁରବାଙ୍କୁ କହିଲେ - "ତୁମେ ଖାଦ୍ୟରେ ଲୁଣ ମିଶାଇ ଖାଇବା ବନ୍ଦ କରିଦିଅ ।"

"ଧେତ୍, ଲୁଣ ବିନା ଖାଦ୍ୟ ତ ସୁସ୍ୱାଦୁ ଲାଗେ ନାହିଁ । ଲୁଣ ବିନା କ'ଣ ଖାଦ୍ୟ ଖାଇ ହୁଏ ?" କସ୍ତୁରବା ଅମଙ୍ଗ ହୋଇ କହିଲେ ।

"ତୁମେ ଅବୁଝା ହେଉଛ କାହିଁକି ? ତୁମର ପରା ଦେହ ଖରାପ । କିଛି ଦିନ ଲୁଣ ଛାଡ଼ିଦେଲେ ହୁଏତ ଆରୋଗ୍ୟ ହୋଇପାରନ୍ତ ।" ଗାନ୍ଧିଜୀ ଏପରି କହି କସ୍ତୁରବାଙ୍କୁ ବୁଝାଇଲେ ।

କସ୍ତୁରବା ଟିକେ ମୁହଁ ଶୁଖାଇ କହିଲେ, "ଯଦି ତୁମକୁ କିଏ ଲୁଣ ଛାଡ଼ିଦେବାକୁ କହେ, ତୁମେ କ'ଣ ଲୁଣ ଖାଇବା ବନ୍ଦ କରିପାରିବ ?"

ଗାନ୍ଧିଜୀ ଭାବିଲେ ଏ ତ ଠିକ୍ କଥା ! ପରକୁ କହିବା ଯେତିକି ସହଜ, ନିଜେ କରି ଦେଖାଇବା ସେତିକି ସହଜ ନୁହେଁ । ଏହି କଥାକୁ ନେଇ ସେ ଚିନ୍ତା କରିବାକୁ ଲାଗିଲେ । ଆମେ ଯାହା ଅନ୍ୟକୁ କହୁ, ପ୍ରଥମେ ନିଜେ କରି ଦେଖାଇବା ଉଚିତ୍ । ତେବେ ଯାଇ ଏହା ଅନ୍ୟମାନଙ୍କ ଉପରେ ପ୍ରଭାବ ପକାଇବ । ଏହି କଥାଟି ଗାନ୍ଧିଜୀ ମନେମନେ ବିଚାର କଲେ । କସ୍ତୁରବାଙ୍କୁ ଦେଇଥିବା ଉପଦେଶଟିକୁ ନିଜେ କାର୍ଯ୍ୟକାରୀ କରିବା ପାଇଁ ସଂକଳ୍ପ କଲେ ।

ଗାନ୍ଧିଜୀ କସ୍ତୁରବାଙ୍କୁ ଏଥର କହିଲେ, "ମୋତେ ଯଦି ରୋଗ ହୋଇଥା'ନ୍ତା, ଚିକିତ୍ସକ ଯେଉଁ ଜିନିଷ ଖାଇବାକୁ ବାରଣ କରିଥାନ୍ତେ, ମୁଁ ଅବଶ୍ୟ ତାହା ଖାଇବା ବନ୍ଦ କରିଥାନ୍ତି। ଏଥିରେ ସୁଫଳ ମିଳିଥା'ନ୍ତା। ମୁଁ ତୁମକୁ ଲୁଣ ଖାଇବାକୁ ମନା କରିଛି। ତେଣୁ ପ୍ରଥମେ ମୁଁ ଗୋଟିଏ ବର୍ଷ ପାଇଁ ଲୁଣ ଛାଡ଼ିଦେଉଛି।"



ସତକୁ ସତ ଗାନ୍ଧିଜୀ ସେହି ମୁହୂର୍ତ୍ତରୁ ବିନା ଲୁଣରେ ଖାଦ୍ୟ ଗ୍ରହଣ କରିବା ଆରମ୍ଭ କରିଦେଲେ। ତାଙ୍କର ଏହି ଆଚରଣ କସ୍ତୁରବାଙ୍କ ଉପରେ ଖୁବ୍ ପ୍ରଭାବ ପକାଇଲା। ତେଣୁ କସ୍ତୁରବା ମଧ୍ୟ ଏଣିକି ଲୁଣ ନ ମିଶାଇ ଖାଦ୍ୟ ଖାଇବାକୁ ଅଭ୍ୟାସ କଲେ। ସେ ଖୁବ୍ ଶୀଘ୍ର ସୁସ୍ଥ ହୋଇ ଉଠିଲେ।

ସାନୁକୁ କାହାଣୀ ଶୁଣାଇବା ପରେ ମା' କହିଲେ, ''ବୁଝିଲୁ ସାନୁ! ବାପୁ ଏମିତିକା ମଣିଷ ଥିଲେ ଯେ, ଯାହା କହୁଥିଲେ ତାହା ନିଜେ କରି ଦେଖାଉଥିଲେ। ସେଇଥିପାଇଁ ସ୍ୱାଧୀନତା ସଂଗ୍ରାମବେଳେ ଗାନ୍ଧିଜୀଙ୍କ ସହିତ ସମଗ୍ର ଦେଶର ଲୋକ ଏକଜୁଟ ହୋଇ ଚାଲୁଥିଲେ।"

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | | |
|---|---|---|---|---|---|
| ଚମତ୍କାର | ସୁସ୍ୱାଦୁ | ପ୍ରଭାବ | ଏକଜୁଟ | ସ୍ୱାଧୀନତା | ଚିକିତ୍ସକ |
| ସୁଫଳ | ଅମଙ୍ଗ | କାର୍ଯ୍ୟକାରୀ | ସମଗ୍ର | ବେମାର | ମୁହୂର୍ତ୍ତ |
| ଉପକାର | ଆରୋଗ୍ୟ | ସଂକଳ୍ପ | ଫଳପ୍ରଦ | ଆଚରଣ | ଅବଶ୍ୟ |
| ମନସ୍ଥ | ସଂଗ୍ରାମ | ସୁସ୍ଥ | | | |

## ଶିକ୍ଷକଙ୍କପାଇଁ ସୂଚନା

- ଅନ୍ୟକୁ ଉପଦେଶ ଦେବା ପୂର୍ବରୁ ନିଜେ ତାହା କରି ଦେଖାଇବେ।
- ସଂକଳ୍ପ କରିବା ଓ ତାକୁ ପାଳନ କରିବା ଉଭୟ ଗୁରୁତ୍ୱପୂର୍ଣ୍ଣ - ଏହା ପିଲାଙ୍କୁ ବୁଝାଇବେ।
- ବିଭିନ୍ନ ଦିବସ ପାଳନର ତାତ୍ପର୍ଯ୍ୟ ସଂପର୍କରେ ପିଲାଙ୍କୁ ଧାରଣା ଦେବେ।




୧. ଆସ ଗାନ୍ଧିଜୀଙ୍କ ସଂପର୍କରେ ଗଳ୍ପରୁ କିଛି କଥା ଖୋଜି କହିବା ।

(କ) କେବେ ଗାନ୍ଧିଜୀଙ୍କ ଜନ୍ମଦିନ ପାଳନ କରାଯାଏ ?

(ଖ) ସାନୁର ବିଦ୍ୟାଳୟରେ ଗାନ୍ଧିଜୀଙ୍କ ଜନ୍ମଦିନ କିପରି ପାଳନ କରାଯାଇଥିଲା ?

(ଗ) ବେମାରରେ ପଡ଼ିଥିବା କସ୍ତୁରବା କିଏ ?

(ଘ) ଗାନ୍ଧିଜୀ ପୁସ୍ତକରୁ କ'ଣ ପଢ଼ିଥିଲେ ?

(ଙ) ଗାନ୍ଧିଜୀ କସ୍ତୁରବାଙ୍କୁ କି ଉପଦେଶ ଦେଲେ ?

(ଚ) କସ୍ତୁରବା ଅମଙ୍ଗ ହେବାରୁ ଗାନ୍ଧିଜୀ କ'ଣ ଚିନ୍ତା କଲେ ?

୨. ଆସ ଉତ୍ତର ଲେଖିବା ।

(କ) ଗାନ୍ଧିଜୀଙ୍କ ଉପଦେଶଟି ପାଳନ କରିବା ପାଇଁ କସ୍ତୁରବା କାହିଁକି ଅମଙ୍ଗ ହେଲେ ?

______________________________

______________________________

______________________________

(ଖ) ଗାନ୍ଧିଜୀଙ୍କୁ ବେମାର ହୋଇ ନ ଥିଲେ ମଧ୍ୟ ସେ କାହିଁକି ଲୁଣ ଛାଡ଼ିଲେ ?

______________________________

______________________________

______________________________

୩. ଆଗ କିଏ, ପଛ କିଏ ଜାଣିବା । କ୍ରମ ଅନୁସାରେ ପଛକୁ ପଛ ସଜାଇବା ।

| | | | | |
|---|---|---|---|---|
| କସ୍ତୁରବା ବେମାର ପଡ଼ିବା | ସାନୁ ଓ ମାଆ କଥାବାର୍ତ୍ତା ହେବା | ସାନୁର ବିଦ୍ୟାଳୟରେ ଗାନ୍ଧିଜୟନ୍ତୀ ପାଳନ କରାଯିବା | କସ୍ତୁରବା ସୁସ୍ଥ ହେବା | ଗାନ୍ଧିଜୀ ଚିନ୍ତା କରିବା |

୪. ଗାନ୍ଧିଜୀ ଅନ୍ୟ ଯେଉଁ ଯେଉଁ ନାମରେ ପରିଚିତ ସେଗୁଡ଼ିକୁ ତାଙ୍କ ଚିତ୍ର ସହ ଗାର ଟାଣି ଯୋଡ଼ିବା ।

ନେତାଜୀ

ଗୁରୁଜୀ

ବାପୁଜୀ



ମହାତ୍ମା

ସର୍ଦ୍ଦାରଜୀ

ସ୍ୱାମିଜୀ

ମୋହନ ଦାସ କରମଚାନ୍ଦ

ଜାତିର ପିତା

୫. ଆସ ଆମେ ବାକ୍ୟ ଗଢ଼ିବା ।

ସୁଫଳ – ______________________

ମନସ୍ଥ – ______________________

ସୁସ୍ୱାଦୁ – ______________________

ଫଳପ୍ରଦ – ______________________

ସଂକଳ୍ପ – ______________________

ମୁହୂର୍ତ୍ତ – ______________________

୬. ଯେପରି 'ଫଟୋରେ ଫୁଲ ଚଢ଼ାଇଲୁ' ବୋଲି କୁହାଯାଇଛି ସେହିପରି କ'ଣ ହେବ ଲେଖିବା ।

ଅନ୍ଧକୁ ବାଟ ____________________

ଧରିବାକୁ ହାତ ____________________

ଓଦାଲୁଗା ଆମେ ____________________

୭. ନେତାଜୀ ଲୋକମାନଙ୍କୁ କହିଲେ, ''ଚାଲ, ହଇଜା ରୋଗୀଙ୍କର ସେବା କରିବା।'' ତାଙ୍କର ଏହି କଥା କିଛି କାମକଲା ନାହିଁ। ତେଣୁ ନିଜର ଯୋଜନାକୁ ସେ ନିଜେ କରିବାକୁ ଚାହିଁଲେ। ନିଜର ଯୋଜନାଟି କାର୍ଯ୍ୟରେ ପରିଣତ କଲେ। ଏହା ଦେଖି ଅନ୍ୟମାନେ ତାଙ୍କ ପରି କରିବାକୁ ଲାଗିଲେ।

ରେଖାଙ୍କିତ ଶବ୍ଦଗୁଡ଼ିକ ବଦଳରେ **ସ୍ୱୟଂ, ପ୍ରଭାବ ପକାଇଲା ନାହିଁ, କାର୍ଯ୍ୟକାରୀ** ଏହି ଶବ୍ଦଗୁଡ଼ିକୁ ଠିକ ସ୍ଥାନରେ ବ୍ୟବହାର କରି ଅନୁଚ୍ଛେଦଟିକୁ ଲେଖିବା।

୮. ଯେପରି, ଚିନ୍ତା - ଚିନ୍ତିତ

ସେହିପରି କ'ଣ ହେବ ଲେଖିବା । ଦୁଃଖ - ____________________

ପୀଡ଼ା - ____________________

ପାଠ - ____________________

୯. ତୁମ ବିଦ୍ୟାଳୟର ଚାରିପାଖ ଅପରିଷ୍କାର ହୋଇଛି। ପରିଷ୍କାର କରିବା ପାଇଁ କ'ଣ କରିବା ?

____________________

____________________

____________________

୧୦. ଗାନ୍ଧିଜୀଙ୍କ ଜୀବନରେ ଘଟିଥିବା ଅନ୍ୟ କିଛି ଘଟଣା ଲେଖ।

______________________________________________

______________________________________________

୧୧. ଗାନ୍ଧିଜୀଙ୍କ ପରି ଅନ୍ୟ ଯେଉଁ ବଡ଼ ମଣିଷମାନେ ନିଜ କାମଦ୍ୱାରା ଲୋକଙ୍କୁ ଏକଜୁଟ କରିପାରୁଥିଲେ ସେମାନଙ୍କ ନାମ ଲେଖ ।

୧. ____________________ ୫. ____________________

୨. ____________________ ୬. ____________________

୩. ____________________ ୭. ____________________

୪. ____________________ ୮. ____________________

୧୩. ଚିତ୍ର ଦେଖି ଗାନ୍ଧିଜୀଙ୍କ ଅନ୍ୟ ଭଲକାମ ଗୁଡ଼ିକୁ ଲେଖ ।




# ଭାସି ଯାଆ ମୋର କାଗଜ ଡଙ୍ଗା



ପବନ ବହୁଛି ଝିପିଝିପି ମେଘ ବରଷଇ,
ବିଜୁଳି ଚମକେ ଘଡ଼ଘଡ଼ି ଡାକେ ରହିରହି ।
କେତେ ମଜା ଲାଗେ ଓଳିରୁ ବରଷା ପଡ଼େ ଝରି,
ଫୁଟି ଭାସି ଯାଏ ପାଣିରେ ଫୋଟକା ଅସୁମାରି ।

ଭାସି ଯାଆ ମୋର କାଗଜ ଡଙ୍ଗା ଭାସିଯାଆ,
ଡରିଯିବୁ ନାହିଁ ଆକାଶରେ ଦେଖି ମେଘ ବାଆ ।
ଝୁଲିଝୁଲି ତୁହି ଦୂରକୁ ଦୂରକୁ ଯାଆ ଭାସି,
ଡଙ୍ଗାରେ ! ତୋତେ ମେଲାଣି ଦେଲି ମୁଁ ହସିହସି ।



କାର୍ତ୍ତିକ ମାସେ ବୋଇତ ମେଲାଇ ଦରିଆରେ,
ସାଧବେ ଆମର ଯାଉଥିଲେ ଦୂର ଦେଶ ପାରେ ।
ଝଡ଼ ତୋଫାନକୁ ନ ଥିଲା ତାଙ୍କର ତିଳେ ଡର,
ଆସୁଥିଲେ ଫେରି ଆଷାଢ଼ରେ ସାରି କାରବାର ।

ବୋଇତରେ ଭରି ଧନ ଦଉଲତ ହୋଇ ଖୁସି,
ଫେରୁଥିଲେ ଘରେ ଦରିଆପାରିରୁ ମିଳିମିଶି ।
ବୋଇତ ମଙ୍ଗେ ଶୁଭ ନାରିକେଳ ଜଳ ଢାଳି,
ଝିଅ ବୋହୂ ମିଶି ବନ୍ଦାଉଥିଲେ ଦୀପ ଜାଳି ।

ଯାଇଛି ସେ କାଳ  ଆସିଛିରେ ଏବେ ନୂଆ ବେଳା,
ପାରାଦୀପେ ଆସି  ଲାଗଇ ଜାହାଜ ଭେଳାଭେଳା ।
ଅଟକି ଗଲୁକି  କଥା ମୋର ଶୁଣି, ଯାଆ ଭାସି,
ବିଦାୟ ଦେଉଛି  ତୋତେ ମୁହିଁ ଏବେ ହସି ହସି ।



ଏଇ ହାତେ ତୋତେ  ଗଢ଼ିଛି ମୁଁ କେତେ ଭରସାରେ,
ଖେଳିଛି ତୋ ସାଥେ  ଏହିପରି କେତେ ବରଷାରେ ।
ଭାସି ଯାଆ ମୋର  କାଗଜ ଡଙ୍ଗା ଭାସି ଯାଆ,
ବାଟଯାକ କେତେ  ନୂଆ ନୂଆ ସାଥୀ ଭେଟୁଥାଆ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଓଳି, ଅସୁମାରି, ମଙ୍ଗ, ମେଲାଣି, ଦରିଆ, ଡିଳେ, ବିଦାୟ, ଭେଳାଭେଳା, ଭରସା

### ଶିକ୍ଷକଙ୍କ ପାଇଁ ସୂଚନା

- ଅତୀତର ନୌବାଣିଜ୍ୟ ଏବଂ ଗୌରବମୟ ସଂସ୍କୃତି ସମ୍ବନ୍ଧରେ କହିବେ ।
- ଋତୁଚକ୍ର ଏବଂ ବର୍ଷାଋତୁ ସଂପର୍କରେ ବର୍ଣ୍ଣନା କରିବେ ।
- କାର୍ତ୍ତିକ ମାସର ବୋଇତ ବନ୍ଦାଣ ବିଷୟରେ କହିବେ ।
- ପାରାଦୀପ ବିଷୟରେ କହିବେ ।




୧. ଆସ କଥା ହେବା ।

(କ) ବର୍ଷା ହେଉଥିବା ବେଳେ ଆକାଶରେ କ'ଣ ଦେଖାଯାଏ ?

(ଖ) କେଉଁମାନେ ଆଗେ ବୋଇତରେ ବଣିଜ କରିବାକୁ ଦୂର ଦେଶକୁ ଯାଉଥିଲେ ?

(ଗ) ସାଧବମାନେ ବଣିଜ କରିବାକୁ ଯାଇ କେବେ ଫେରୁଥିଲେ ?

(ଘ) ଝିଅ ବୋହୂମାନେ କିପରି ବୋଇତ ବନ୍ଦାଉଥିଲେ ?

(ଙ) ଆମ ରାଜ୍ୟର କେଉଁଠି ଭେଳାଭେଳା ହୋଇ ଜାହାଜ ଲାଗୁଛି ?

୨. ତୁମେ ସମସ୍ତେ କବିତାର ଗୋଟିଏ ଗୋଟିଏ ପଦକୁ ଅଭିନୟ ସହ ଗାଇ ଶୁଣାଅ ।

୩. (କ) କାଗଜରେ ଡଙ୍ଗା ତିଆରି କରିବା ପରି କାଗଜରେ ଆଉ କ'ଣ ତିଆରି କରିବା ଶିଖିଛ ଲେଖ ଓ କର ।

(ଖ) ତୁମେ ଯେପରି କାଗଜ ଡଙ୍ଗା ପାଣିରେ ଭସାଇ ଆନନ୍ଦ ପାଅ, ସେହିପରି ଏଇ ଜିନିଷକୁ କ'ଣ କରିବ ଲେଖ ।



____________________

____________________

____________________

____________________

୪. ବର୍ଷା ହେଉଥିବା ସମୟରେ ତୁମେ ଘର ବାରଣ୍ଡାରେ ବସିଛ । ଏହି ସମୟରେ ଯାହା ଦେଖୁଛ ତା'କୁ ପାଞ୍ଚଟି ଧାଡ଼ିରେ ଲେଖ ।

____________________

____________________

____________________

____________________

____________________

୫. (କ) ଡଙ୍ଗାରେ ଥିବା କେଉଁ ଶବ୍ଦ ସହିତ ଡଙ୍ଗା ତଳେ ଥିବା କେଉଁ ଶବ୍ଦର ମେଳ ଅଛି, ଗାର ଟାଣି ଦେଖାଅ ।




(ଖ) ମଝିରେ ଥିବା ନାମ ସହିତ କେଉଁ କେଉଁ ଚିତ୍ରର ମେଳ ଅଛି ଗାର ଟାଣି ଦେଖାଅ ।




୬. (କ) **'ବାଟଯାକ କେତେ ନୂଆ ନୂଆ ସାଥୀ ଭେଟୁଥାଆ'** – ଏ କଥାଟିକୁ କିଏ କାହାକୁ କହିଛି ?

(ଖ) **'ଯାଇଛି ସେ କାଳ ଆସିଛିରେ ଏବେ ନୂଆ ବେଳା'**


- 'ସେ କାଳ' କେଉଁ ସମୟକୁ କୁହାଯାଇଛି ? ଉ.________________
- ସେ କାଳରେ କ'ଣ ହେଉଥିଲା ? ଉ.________________
- 'ନୂଆ ବେଳା' କେଉଁ ସମୟକୁ କୁହାଯାଇଛି ? ଉ.________________
- 'ନୂଆ ବେଳା' ବୋଲି କାହିଁକି କୁହାଯାଇଛି ? ଉ.________________

୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ଲଗାଇ ଆସ ଆମେ ବାକ୍ୟ ଗଢ଼ିବା ।

ଝିପିଝିପି, ଝୁଲିଝୁଲି, ହସିହସି, ଭେଳାଭେଳା, ନୂଆନୂଆ

୧. ________________
୨. ________________
୩. ________________
୪. ________________
୫. ________________

୮. ଏଇ ଚିତ୍ରଟିରେ ଆଉ କ'ଣ ଯୋଡ଼ିଲେ ବର୍ଷା ହେଉଥିବାର ଏକ ଦୃଶ୍ୟ ହେବ ?



ଏବେ ଚିତ୍ରଟିରେ ରଙ୍ଗ ଦିଅ ।

୯. ଆମ ରାଜ୍ୟର ପାରାଦୀପଠାରେ ବନ୍ଦର ଅଛି। ସେହିପରି ଆମ ଦେଶରେ ଆଉ କେଉଁ କେଉଁ ଠାରେ ବନ୍ଦର ଅଛି ତା'ର ଗୋଟିଏ ତାଲିକା କର। ତା' କଡ଼ରେ ସେ ସ୍ଥାନ ସବୁ କେଉଁ ରାଜ୍ୟରେ ଅବସ୍ଥିତ ଲେଖ। (ନ ପାରିଲେ ପଚାରି ଲେଖ)

୧୦. ଆମ ରାଜ୍ୟର ସାଧବପୁଅମାନଙ୍କ ବିଷୟରେ ଲେଖ।

# ପୁଣି ସେମାନେ ହସିଲେ

ନରସିଂହପୁର ଗାଁରେ କରିମ୍ ଓ କୃପାସିନ୍ଧୁର ଘର । ଦୁଇଜଣଙ୍କର ଘର ଖୁବ୍ ପାଖାପାଖି । ସକାଳୁ ଉଠିଲେ ମୁହଁ ଦେଖାଦେଖି । ବିପଦଆପଦରେ କାନ୍ଧକୁ କାନ୍ଧ ମିଳାଇ ଠିଆ ହୁଅନ୍ତି । ଯାନିଯାତ୍ରା ଓ ପୁନେଇଁ ପରବ ମିଳିମିଶି ପାଳନ୍ତି ।

କୃପାସିନ୍ଧୁର ଝିଅ ସୋମା । କରିମ୍‌ର ଝିଅ ହାସିନା । ଦୁହେଁ ଗୋଟିଏ ଶ୍ରେଣୀରେ ପଢ଼ନ୍ତି । ପାଖାପାଖି ବସନ୍ତି, ଏକାଠି ଖେଳନ୍ତି, ଏକାଠି ବୁଲନ୍ତି ।



କରିମ୍ ନିଜ ଘରେ ପାଳିଥାଏ କିଛି କୁକୁଡ଼ା । କୃପାସିନ୍ଧୁ ସଉକିରେ ରଖିଥାଏ ଗୋଟିଏ କୁକୁର । ତା’ ନାଁ କାଳିଆ । ବେଳ ପାଇଲେ କାଳିଆ କରିମ୍‌ର କୁକୁଡ଼ାରୁ ଗୋଟିଏ ଦୁଇଟା ଝାମ୍ପିନିଏ । ପ୍ରଥମେ ପ୍ରଥମେ କରିମ୍ କିଛି କହୁ ନ ଥିଲା । ହେଲେ ସିଏ କେତେ ସହିବ !

କୁକୁରଟିକୁ ଜବତ କରିବା ପାଇଁ କରିମ୍ କୃପାସିନ୍ଧୁକୁ ନେହୁରା ହେଲା ।

କୃପାସିନ୍ଧୁ ଏଥର କାଳିଆକୁ ଆଖିରେ ରଖିଲା । ହେଲେ କ'ଣ ହେବ ? ପ୍ରକୃତି ଛାଡୁଛି କେଉଁଠୁ ? ସୁଯୋଗ ଉଣ୍ଡି କାଳିଆ ଗୋଟେ ଦି'ଟା କୁକୁଡ଼ା ଝାମ୍ପି ନିଏ । କରିମ୍ ଏଥର ରାଗିଗଲା । କୁକୁରକୁ ପାନେ ଦେବ ବୋଲି ଛକି ରହିଲା । କାଳିଆ ଆଉ ଦିନେ କୁକୁଡ଼ା ଭାଡ଼ି ଉପରକୁ ଉଠିବା ବେଳକୁ କରିମ୍ ଦେଲା ପାହାରେ । କାଳିଆ କାଉଁକାଉଁ କରି ଧାଇଁଲା । ସେ ଛୋଟା ହୋଇଗଲା ।



ଏଥିରେ କୃପାସିନ୍ଧୁ ରାଗିଯାଇ କରିମ୍‌କୁ ଗାଳିଦେଲା । କରିମ୍ ମଧ୍ୟ କୃପାସିନ୍ଧୁକୁ ଗାଳିଦେଲା । କଜିଆ ବଢ଼ିଲା ।

ଏଣିକି ଦୁଇ ପରିବାର ଭିତରେ କଥାବାର୍ତ୍ତା ବନ୍ଦ । ହାସିନା ସାଙ୍ଗରେ ମିଶିବାକୁ କୃପାସିନ୍ଧୁ ସୋମାକୁ ମନା କରିଦେଲା । ସୋମା ଓ ହାସିନାଙ୍କ ଭିତରେ ମିଳାମିଶା, କଥାବାର୍ତ୍ତା ବନ୍ଦ ହୋଇଗଲା । ଏଥିରେ ସେମାନଙ୍କ ମନ ଭାରି ଦୁଃଖ । ଆଗପରି ମୁହଁରେ ନ ଥିଲା ହସ ।

ଦିନକର କଥା । ଖେଳଛୁଟିରେ ବିଦ୍ୟାଳୟ ପଛ ପାଖ ନଈକୂଳରେ ହାସିନା ବୁଲୁଛି, ହଠାତ୍ ଧପ୍ କରି ଗୋଟିଏ ଶବ୍ଦ ହେଲା । ହାସିନା ନଈକୂଳକୁ ଦୌଡ଼ିଲା । ଦେଖିଲା ସୋମା ପାଣିରେ ବୁଡୁଛି ଆଉ ଉଠୁଛି । ହାସିନାର ହାଲୁକ ଶୁଖିଗଲା । ହଠାତ୍ ତା' ଆଖିରେ ପଡ଼ିଲା ବରଗଛରେ ମାଡ଼ିଛି ଶିଆଳି ଲଟା । ସେଥିରୁ ଖଣ୍ଡେ ବଡ଼ ଲଟାକୁ ଦାନ୍ତରେ ଛିଡ଼ାଇ ପକାଇଲା । ଲଟାଖଣ୍ଡକୁ ସୋମା ଆଡ଼କୁ ପକାଇଦେଇ କହିଲା - "ସୋମା ଯା'କୁ ଧରିପକା" ।



ସୋମା ଲଟାଟିକୁ ଜୋର କରି ଧରିଲା । ହାସିନା ଲଟାଟିକୁ କୂଳ ଆଡ଼କୁ ଟାଣିଲା । ମଝିରେ ମଝିରେ ''ଦଉଡ଼ି ଆସ, ଦଉଡ଼ି ଆସ'' କହି ହାସିନା ପାଟି କରୁଥାଏ ।

ହାସିନାର ପାଟି ଶୁଣି କେତେଜଣ ପିଲାଙ୍କ ସହ ଗୁରୁଜୀ ସେଠାକୁ ଦୌଡ଼ି ଆସିଲେ । ହାସିନା ଲଟାଟିକୁ ଟାଣିଲାବେଳେ ଧଇଁସଇଁ ହେଉଥାଏ ; ତଥାପି ସେ ପ୍ରାଣପଣେ ଲଟାକୁ ଟାଣୁଥାଏ । ତା'ସହ ଗୁରୁଜୀ ଓ ପିଲାମାନେ ଲାଗିଗଲେ । ସୋମାକୁ କୂଳକୁ ଆଣିଲେ । ସେତେବେଳକୁ ସୋମା ପାଣି ପିଇଯାଇଥାଏ ।

ଖବର ପାଇ କୃପାସିନ୍ଧୁ ଓ କରିମ୍ ସେଠାକୁ ଆସିଲେ । ଗୁରୁଜୀ କହିଲେ - ''କୃପାସିନ୍ଧୁ, ତମେ ସୋମାକୁ ହାସିନା ସାଙ୍ଗରେ ମିଶିବାକୁ ମନା କରିଥିଲ । ଆଜି ସେଇ ହାସିନା ତମ ଝିଅକୁ ବଞ୍ଚାଇଲା ।''

କୃପାସିନ୍ଧୁର ମୁଣ୍ଡ ଲାଜରେ ନଇଁଗଲା । କୃପାସିନ୍ଧୁ କରିମ୍‌କୁ କହିଲା - "ଭାଇ, ମୋତେ କ୍ଷମା-କର । ହାସିନା ନ ଥିଲେ ମୁଁ ଆଜି ସୋମାକୁ ପାଇ ନ ଥାନ୍ତି ।" କରିମ୍ ଓ କୃପାସିନ୍ଧୁ କୋଳାକୋଳି ହେଲେ । ସୋମା ଓ ହାସିନାଙ୍କ ମୁହଁରେ ଫୁଟିଉଠିଲା ହସ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଝାମ୍ପିନେବା, ଜବତ, ନେହୁରା, ଉଣ୍ଡିବା, ପ୍ରକୃତି ଛାଡ଼ିବା, ସୁଯୋଗ,
ପାନେଦେବା, କଳିଆ, ହାଲୁକ ଶୁଖିଯିବା ।

### ଶିକ୍ଷକଙ୍କପାଇଁ ସୂଚନା

- ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଆମେ ଏକ, ଏ କଥା ପିଲାଙ୍କୁ ବୁଝାଇବେ ।
- ପରସ୍ପର ପ୍ରତି ସଦ୍‌ଭାବନା ପୋଷଣ କରିବାର ଉପଯୋଗିତା ବିଷୟରେ ଧାରଣା ଦେବେ ।




୧. ଗପଟି ପଢ଼ିସାରିବା ପରେ ଚିତ୍ରଗୁଡ଼ିକ ତଳେ ୧, ୨, ୩, ୪, ୫ ସଂଖ୍ୟା ଲେଖି ଆଗ ପଛ କରି ସଜାଅ । ପ୍ରତି ଚିତ୍ରକୁ ନେଇ ଗୋଟିଏ ଗୋଟିଏ ବାକ୍ୟ ଲେଖ ।






୨. ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ ।



(କ) କରିମ୍ ଓ କୃପାସିନ୍ଧୁଙ୍କ ଘର କେଉଁ ଗାଁରେ ?

(ଖ) ସୋମା ଓ ହାସିନା କେଉଁଠାରେ ପଢୁଥିଲେ ?

(ଗ) କରିମ୍‌ର କୁକୁଡ଼ାକୁ କିଏ ଖାଇଲା ?

(ଘ) କରିମ୍ ଓ କୃପାସିନ୍ଧୁ ମଧ୍ୟରେ କାହିଁକି କଳିଆ ଲାଗିଲା ?

(ଙ) ସୋମା ଓ ହାସିନା ପୂର୍ବପରି କଥାବାର୍ତ୍ତା ହେଲେ ନାହିଁ କାହିଁକି ?

(ଚ) ସୋମାକୁ କିଏ ରକ୍ଷା କଲା ?

(ଛ) କେଉଁମାନଙ୍କ ମୁହଁରେ ହସ ଫୁଟି ଉଠିଲା ?

୩. ଆସ, ଏଗୁଡ଼ିକର ଅର୍ଥ ପାଖ କୋଠରି ମଧ୍ୟରୁ ଖୋଜି ତା' ପାଖରେ ଲେଖିବା ।

(କ) କାନ୍ଧକୁ କାନ୍ଧ ମିଳାଇ ଠିଆ ହୁଅନ୍ତି

______________________

(ଖ) ପ୍ରକୃତି ଛାଡୁଛି କେଉଁଠୁ

______________________

(ଗ) ହାଲୁକ ଶୁଖିଗଲା

______________________

| |
|---|
| ଭୟ ପାଇବା, |
| ଅଭ୍ୟାସ ନ ବଦଳାଇବା, |
| କ'ଣ କରିବାକୁ ହେବ ଜାଣି ନ ପାରିବା, |
| କାନ୍ଧକୁ କାନ୍ଧ ଯୋଡ଼ିବା, |
| ଏକ ହୋଇ କାମ କରିବା । |

୪. ତୁମ ଗାଁ' ବିଷୟରେ ପାଞ୍ଚଟି ବାକ୍ୟ ଲେଖ ।

______________________

______________________

______________________

______________________

୫. ଆସ ନିମ୍ନଲିଖିତ ଶବ୍ଦଗୁଡ଼ିକୁ ଲଗାଇ ବାକ୍ୟ ଗଢ଼ି ସେଗୁଡ଼ିକୁ ପଢ଼ିବା ।

ମୁହଁ ଦେଖାଦେଖି, ଆଖିରେ ରଖିବା, ଆଖିରେ ପଡ଼ିବା, ଲାଜରେ ମୁଣ୍ଡ ନଇଁ ପଡ଼ିବା ।

______________________

______________________

______________________

______________________

୬. ଅର୍ଥ ଅନୁସାରେ କେଉଁ ଆମ୍ବଟି କେଉଁ ପିଲା ପାଇବା ଉଚିତ, ତାହା ଗାର ଟାଣି ଦେଖାଇବା ।



୭. 'ଧଇଁସଇଁ' ପରି ଆଉ ଦୁଇଟି ଶବ୍ଦ ଲେଖ – ____________ ____________

୮. କ'ଣ କରିବା ଦୁଇ ଧାଡ଼ିରେ ଲେଖ ।

(କ) ତୁମ ସାଙ୍ଗର ଜାମାରେ ନିଆଁ ଲାଗିଗଲେ –

____________________________________________

____________________________________________

(ଖ) ତୁମ ସାନ ଭଉଣୀ ହଠାତ୍ ତଳେ ପଡ଼ିଯିବାରୁ ତା'ର ମୁଣ୍ଡ ଫାଟି ରକ୍ତ ବହିଲେ –

____________________________________________

____________________________________________


୯. 'ପାନେ ଦେବା'ର ଅର୍ଥ ନିମ୍ନରେ ଦିଆଯାଇଥିବା ଅର୍ଥ ମଧ୍ୟରୁ କେଉଁଟି ଠିକ ? ପାଖ ଘରେ ଠିକ (√) ଚିହ୍ନ ଦିଅ।

(କ) ଦଣ୍ଡ ଦେବା ☐


(ଖ) ଉଚିତ ଶିକ୍ଷା ଦେବା ☐

(ଗ) ପାନ ଖଣ୍ଡେ ଦେବା ☐

୧୦. ତଳ ଚିତ୍ରରେ ରଙ୍ଗ ଦିଅ।



# ତୁଳସୀ ଦୁଇ ପତ୍ରରୁ ବାସେ



ଆମ ଜନ୍ମଭୂମି ଓଡ଼ିଶା ଏକ ପୁଣ୍ୟ କ୍ଷେତ୍ର । ଏହି ମାଟିର ନୟାଗଡ଼ ଜିଲ୍ଲା ଅନ୍ତର୍ଗତ ଖଣ୍ଡପଡ଼ାରେ ଜଣେ ସୁଯୋଗ୍ୟ ସନ୍ତାନ ଜନ୍ମନେଇ ଓଡ଼ିଶାକୁ ମହାନ କରିଥିଲେ । ସେ ହେଲେ ଓଡ଼ିଶାର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ ପଠାଣି ସାମନ୍ତ । ତାଙ୍କର ପୂରା ନାମ ଥିଲା ସାମନ୍ତ ଚନ୍ଦ୍ରଶେଖର ସିଂହ ମହାପାତ୍ର ।

ତୁଳସୀ ଦୁଇ ପତ୍ରରୁ ବାସିଲା ପରି ତାଙ୍କ ପ୍ରତିଭା ପିଲାବେଳରୁ ହିଁ ଜଣାପଡ଼ିଥିଲା । ଛୋଟ ବେଳରୁ ସେ ଶୂନ୍ୟ ଆକାଶକୁ ଦେଖିବାକୁ ଭଲ ପାଉଥିଲେ । ଖଣ୍ଡ ଖଣ୍ଡ ମେଘମାଳା ପବନ ସ୍ପର୍ଶରେ ଆସି କିପରି ବଦଳି ଯାଉଛନ୍ତି, ତାକୁ ସେ ଭଲ ଭାବରେ ନିରୀକ୍ଷଣ କରୁଥିଲେ । ଚାଟଶାଳୀରେ ପଢୁଥିବାବେଳେ ଦଳଦଳ ହୋଇ ଉଡୁଥିବା ପକ୍ଷୀମାନଙ୍କୁ ଦେଖି ଆନନ୍ଦରେ କୁରୁଳି ଉଠୁଥିଲେ । କେଉଁ ପକ୍ଷୀ କେତେ ବେଗରେ ଉଡୁଛି, ମେଘ ଓ ପକ୍ଷୀମଧ୍ୟରେ ଦୂରତା କେତେ, ତାହା କୌତୂହଳସହ ଗଣନା କରୁଥିଲେ । ଖେଳୁଖେଳୁ ଆଖି ଆଗରେ ରଙ୍ଗୀନ କାଚ ଧରି ସୂର୍ଯ୍ୟଙ୍କୁ ସେ ଦେଖିବାକୁ ଚେଷ୍ଟା କରୁଥିଲେ ।



ଅନେକ ସମୟରେ କୌଣସି ଏକ ବରଗଛ ନିକଟକୁ ଯାଇ ତା' ତଳେ ବସୁଥିଲେ । ସୂର୍ଯ୍ୟଙ୍କ ଗତି ଅନୁଯାୟୀ ଖଣ୍ଡିଏ କାଠି ଦ୍ୱାରା ଗଛର ଉଚ୍ଚତା କହିଦେଇ ପାରୁଥିଲେ । ରାତ୍ରିରେ ଧ୍ରୁବତାରା, ସପ୍ତର୍ଷିମଣ୍ଡଳ, ଗ୍ରହ ଓ ନକ୍ଷତ୍ରମାନଙ୍କର ଗତି, ଉଦୟ ଓ ଅସ୍ତ ଆଦି ସମୟର ହିସାବ ତାଳପତ୍ରରେ ଲେଖି ରଖୁଥିଲେ ।

ପଠାଣି ସାମନ୍ତ ପ୍ରାୟ ଦଶ ବର୍ଷ ବୟସରେ ତାଙ୍କ ପିତା ଶ୍ୟାମସୁନ୍ଦର ସିଂହଙ୍କଠାରୁ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିଥିଲେ । ସେତେବେଳେ ଗଣନା କରିବା ପାଇଁ କୌଣସି ଯନ୍ତ୍ରର ବ୍ୟବହାର ନ ଥିଲା । ସାମନ୍ତ ଚନ୍ଦ୍ରଶେଖର ପ୍ରାଚୀନ ଗ୍ରନ୍ଥକୁ ପଢ଼ି ଏକ ବାଉଁଶ ନଳୀ ସାହାଯ୍ୟରେ ଧ୍ରୁବତାରା, ଗ୍ରହ ଓ ନକ୍ଷତ୍ରମାନଙ୍କର

ଗତିବିଧି ଓ ଦୂରତ୍ୱ ନିରୂପଣ କରୁଥିଲେ । ପଠାଣି ସାମନ୍ତଙ୍କ ଏଭଳି ଆଗ୍ରହ ଦେଖି ଲୋକେ କାବା ହେଉଥିଲେ । କହୁଥିଲେ, ଏ ପିଲା ଦିନେ ନା ଦିନେ ଜଣେ ବଡ଼ ଜ୍ୟୋତିର୍ବିଦ୍ ହୋଇ ଦେଶର ଟେକ ରଖିବ । ସତକୁ ସତ ସେୟା ହିଁ ହେଲା । ଦିନେ ସେ ବଡ଼ ହୋଇ ସାରା ପୃଥିବୀରେ ପୂଜିତ ହେଲେ ।



ପଠାଣି ସାମନ୍ତଙ୍କର ଆଉ ଏକ ଅଭ୍ୟାସ ଥିଲା । ନିଜ ଘରଠାରୁ ଅନ୍ୟ ଲୋକଙ୍କ ଘରର ଦୂରତା ନିଜ ପାହୁଣ୍ଡରେ ମାପି ହିସାବ କରି ରଖୁଥିଲେ । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଲା ଯେ, ତାଙ୍କ ଘରର ଅଗଣାଠାରୁ ପୁରୀ ଜଗନ୍ନାଥ ମନ୍ଦିରର ଦୂରତା ୧,୫୧,୨୦୦ ପାହୁଣ୍ଡ ବୋଲି ଗଣନା କରିଥିଲେ । ସେ ଖୁବ୍ ପରିଶ୍ରମୀ ଥିଲେ । କଠୋର ସାଧନା ବଳରେ ସେ ଏକ 'ମାନଯନ୍ତ୍ର' ତିଆରି କରିଥିଲେ । ଏହି ଯନ୍ତ୍ର ସାହାଯ୍ୟରେ ବଡ଼ ବଡ଼ ପର୍ବତ ଓ ବୃକ୍ଷର ଦୂରତା ମାପି ପାରୁଥିଲେ । ନିଜର ଅସାଧାରଣ ବୁଦ୍ଧି ବଳରେ ଖଣ୍ଡିଏ ବାଉଁଶ ନଳୀ ସାହାଯ୍ୟରେ ସେ ସୌରମଣ୍ଡଳକୁ ମାପି ପାରିଥିଲେ । କାଠ ଓ ବାଉଁଶ ନଳୀ ସାହାଯ୍ୟରେ ସେ ଯେଉଁସବୁ ଯନ୍ତ୍ର ଉଦ୍ଭାବନ କରିଥିଲେ ସେଗୁଡ଼ିକର ନାମ 'ଶଙ୍କୁ', 'ଖ-ଗୋଲ' ଓ 'ଉଲମ୍ବିଚକ୍ର' ଆଦି । ଏଥିନିମନ୍ତେ ତାଙ୍କୁ "ମହାମହୋପାଧ୍ୟାୟ" ଉପାଧି ଦିଆଯାଇଥିଲା । ତାଙ୍କ ଦ୍ୱାରା ନିର୍ମିତ ସୂର୍ଯ୍ୟଘଡ଼ି ଆଜି ବି ରେଭେନ୍ସା କଲେଜ ହତାରେ ଶୋଭା ପାଉଅଛି । ତାଙ୍କ ଗଣନା ସୂତ୍ର ଅନୁସରଣରେ ଏବେ ମଧ୍ୟ ସୂର୍ଯ୍ୟୋପରାଗ ଓ ଚନ୍ଦ୍ରଗ୍ରହଣର ସମୟ ଠିକ୍ ଭାବେ ନିରୂପଣ କରାଯାଇ ପାରୁଅଛି ।

ପଠାଣି ସାମନ୍ତ ତାଙ୍କର ପ୍ରଗାଢ଼ ପାଣ୍ଡିତ୍ୟ ବଳରେ ଯେଉଁସବୁ ସାମାଜିକ ତଥ୍ୟ, ଗଣିତ ବିଦ୍ୟା ଓ ଆକାଶ ତତ୍ତ୍ୱର ଆବିଷ୍କାର ଓ ଉଦ୍ଭାବନ କରିଯାଇଛନ୍ତି, ତାକୁ ଆମେ ଭୁଲି ପାରିବା ନାହିଁ। ପୃଥିବୀରେ ଜ୍ୟୋତିର୍ବିଜ୍ଞାନ ଯେତେ ଦିନ ଯାଏ ଥିବ, ସେତେ ଦିନ ପର୍ଯ୍ୟନ୍ତ ସାମନ୍ତ ଚନ୍ଦ୍ରଶେଖର ଅମର ହୋଇ ରହିଥିବେ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପ୍ରତିଭା, ସ୍ପର୍ଶ, ନିରୀକ୍ଷଣ, କୁରୁଳି ଉଠିବା, କୌତୂହଳ, ପ୍ରାଚୀନ, ଉପାଧି, ଜ୍ୟୋତିର୍ବିଦ୍, ନିରୂପଣ, ତତ୍ତ୍ୱ, ପ୍ରଗାଢ଼, ପାଣ୍ଡିତ୍ୟ, ଆବିଷ୍କାର, ଉଦ୍ଭାବନ, ଅମର, ପାହୁଣ୍ଡ, ସୌରମଣ୍ଡଳ, ସୂତ୍ର, ଅନୁସରଣ, ସୂର୍ଯ୍ୟୋପରାଗ, ଚନ୍ଦ୍ରଗ୍ରହଣ

### ଶିକ୍ଷକଙ୍କ ପାଇଁ ସୂଚନା

- ଯାହା ଆଗରୁ ଅଛି, କିନ୍ତୁ କେହି ଜାଣିନାହାନ୍ତି, ସେହିପରି ଜିନିଷକୁ ଖୋଜି ଲୋକଙ୍କ ପାଖରେ ପରିଚିତ କରାଇ ଦେଲେ ତାକୁ କୁହାଯାଏ 'ଆବିଷ୍କାର'।

  ଯାହା ଆଗରୁ ଆଦୌ ନ ଥିଲା, କେହି ଜଣେ ବୁଦ୍ଧି ଖଟାଇ ନୂଆକରି ବାହାର କଲେ ତାକୁ କୁହାଯାଏ 'ଉଦ୍ଭାବନ'।

  ଉଦାହରଣ : ନିଉଟନ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ।

  ମାର୍କୋନି ବେତାରଯନ୍ତ୍ର ଉଦ୍ଭାବନ କରିଥିଲେ।

- ସାମନ୍ତ ଚନ୍ଦ୍ରଶେଖର ପିଲାଦିନେ କିପରି ସାରା ଆକାଶର ତତ୍ତ୍ୱ ଆଗ୍ରହର ସହ ଅନୁଧ୍ୟାନ କରୁଥିଲେ, ବୁଝାଇବେ। ପିଲାମାନେ ସେହିପରି ଖ୍ୟାତି ଅର୍ଜନ ପାଇଁ ନିଷ୍ଠାର ସହ ଉଦ୍ୟମ କରିବାକୁ ପ୍ରେରଣା ଦେବେ।
- ଅନ୍ୟ କେତେଜଣ ଭାରତୀୟ ବୈଜ୍ଞାନିକଙ୍କ ସଂପର୍କରେ ସୂଚନା ଦେବେ।

# ଅଭ୍ୟାସ

୧. ଆସ ଆମେ କଥାବାର୍ତ୍ତା ହେବା ।

(କ) ପଠାଣି ସାମନ୍ତ କେଉଁଠି ଜନ୍ମଗ୍ରହଣ କରିଥିଲେ ?

(ଖ) ଓଡ଼ିଶାର ପ୍ରଥମ ଜ୍ୟୋତିର୍ବିଜ୍ଞାନୀ କିଏ ?

(ଗ) ପଠାଣି ସାମନ୍ତଙ୍କୁ କେଉଁ ଉପାଧି ମିଳିଥିଲା ?

(ଘ) ପଠାଣି ସାମନ୍ତ କି କି ଯନ୍ତ୍ର ଉଦ୍ଭାବନ କରିଥିଲେ ?

(ଙ) ତାଳପତ୍ରରେ ସେ କ'ଣ ସବୁ ଲେଖି ରଖୁଥିଲେ ?

୨. କାହାର କାହା ସହ ସଂପର୍କ ଅଛି, ଆସ ଗାର ଟାଣି ଚିହ୍ନାଇ ଦେବା ।

| | | |
|---|---|---|
| ଯେପରି - | ଶୂନ୍ୟ | ଗ୍ରନ୍ଥ |
| | ଖଣ୍ଡ ଖଣ୍ଡ | ନିରୂପଣ |
| | ପ୍ରାଚୀନ | ବୁଦ୍ଧି |
| | ଅସାଧାରଣ | ଉପାଧି |
| | ମହାମହୋପାଧ୍ୟାୟ | ଆକାଶ |
| | ସମୟ | ମେଘ |
| | | ଘଣ୍ଟା |

୩. ଯେପରି - **'ପୂଜା'** ଶବ୍ଦରୁ **ପୂଜିତ** ହୁଏ ।

ସେହିପରି କ'ଣ ହେବ, କୋଠରି ଭିତରେ ଲେଖିବା ।

| | |
|---|---|
| ସୂଚନାରୁ | |
| ଉଦୟରୁ | |
| ପାଳନରୁ | |
| ନିର୍ମାଣରୁ | |

୪. ପଠିତ ବିଷୟରୁ ଉପଯୁକ୍ତ ଶବ୍ଦ ଖୋଜି ଶୂନ୍ୟସ୍ଥାନ ପୂରଣ କରିବା ।

(କ) ପଠାଣି ସାମନ୍ତ ଓଡ଼ିଶାର ପ୍ରଥମ ___________ ।

(ଖ) ସୂର୍ଯ୍ୟଙ୍କ ଗତି ଅନୁଯାୟୀ ______________ ଗଛର ଉଚ୍ଚତା କହିଦେଇ ପାରୁଥିଲେ ।

(ଗ) ଏ ପିଲା ଦିନେ ନା ଦିନେ ଜଣେ ବଡ଼ ଜ୍ୟୋତିର୍ବିଦ ହୋଇ ___________ ।

(ଘ) କଠୋର ସାଧନା ବଳରେ ସେ ଏକ ________________ ତିଆରି କରିଥିଲେ ।

୫. ଆସ ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ବାକ୍ୟଗଠନ କରି ଲେଖିବା ।

ସ୍ୱର୍ଣ୍ଣ, ଆବିଷ୍କାର, ପ୍ରାଚୀନ, ଉଦ୍ଭାବନ, ଅସାଧାରଣ

______________________________________________

______________________________________________

______________________________________________

______________________________________________

______________________________________________

______________________________________________

୬. ଆସ ଜାଣିବା ସପ୍ତର୍ଷି ମଣ୍ଡଳର ସାତଜଣ ଋଷିଙ୍କ ନାମ ।




ଉପର ଚିତ୍ର ଦେଖି କ୍ରମ ଅନୁସାରେ ସପ୍ତର୍ଷି ମଣ୍ଡଳରେ ଥିବା ତାରାମାନଙ୍କର ନାମ ଲେଖ -

କ୍ରତୁ , ______________, ______________, ______________

______________, ______________, ______________

୭. ଆସ ଉତ୍ତର ଖୋଜି ଲେଖିବା ।

(କ) ପଠାଣି ସାମନ୍ତଙ୍କ ପୂରା ନାମ କ'ଣ ?

________________

(ଖ) ଆକାଶର କେଉଁ ସବୁ ଦୃଶ୍ୟ ଦେଖି ପଠାଣି ସାମନ୍ତ ଆନନ୍ଦରେ କୁରୁଳି ଉଠୁଥିଲେ ?

________________

(ଗ) ତାଙ୍କ ଦ୍ୱାରା ନିର୍ମିତ ସୂର୍ଯ୍ୟ ଘଡ଼ି ଏବେ କେଉଁଠାରେ ଶୋଭା ପାଉଅଛି ?

________________

(ଘ) ପଠାଣି ସାମନ୍ତ ଗ୍ରହ ନକ୍ଷତ୍ରମାନଙ୍କର ଗତିବିଧି ଓ ଦୂରତ୍ୱ ନିରୂପଣ କରିବା ପାଇଁ କାହାର ସାହାଯ୍ୟ ନେଇଥିଲେ ?

________________

(ଙ) କେତେ ବର୍ଷ ବୟସରେ ସେ ଜ୍ୟୋତିଷ ବିଦ୍ୟା ଶିକ୍ଷା କରିଥିଲେ ?

________________

୮. ଅସଜଡ଼ା ବାକ୍ୟକୁ ସଜାଡ଼ି ଲେଖ ।

(କ) ଜନ୍ମଭୂମି ଏକ ଆମ କ୍ଷେତ୍ର ପୁଣ୍ୟ ଓଡ଼ିଶା ।

________________

(ଖ) ସାମନ୍ତ ପୂରା ନାମ ଚନ୍ଦ୍ରଶେଖର ଥିଲା ସିଂହ ତାଙ୍କ ମହାପାତ୍ର ।

________________

(ଗ) ଦୂରତ୍ୱ କରୁଥିଲେ ଗ୍ରହ ଓ ନକ୍ଷତ୍ରମାନଙ୍କର ଗତିବିଧି ଓ ନିରୂପଣ ।

________________


(ଘ) ସାଧନା 'ମାନଯନ୍ତ୍ର' ଏକ ବଳରେ କରିଥିଲେ ନିର୍ମାଣ କଠୋର ।

______________________________

୯. ଯେପରି 'ଦଳଦଳ' ଗୋଟିଏ ଯୋଡ଼ାଶବ୍ଦ, ଆସ ସେହିପରି ଆଉ କେତୋଟି ଯୋଡ଼ାଶବ୍ଦ ଲେଖିବା ।

୧୦. ଆସ ଦୁଇଟି ପକ୍ଷୀ ଚିତ୍ରରେ ଥିବା ଶବ୍ଦଗୁଡ଼ିକୁ ଯୋଡ଼ିବା ଓ ତଳ କୋଠରିରେ ଲେଖିବା ।


ଯେପରି ସତ - ମିଛ ।



# ତୁମପରି ଛୋଟ ପିଲାଟିଏ




ତୁମପରି ଛୋଟ ପିଲାଟିଏ
ଗାଆଁ ଚାହାଳିର ଚାଟ ସିଏ,
ଚେହେରାଟି ତା'ର ଡଉଲ ଡାଉଲ
ବୁଦ୍ଧିରେ ତାହାର ସରି କିଏ ।



ଛାଡ଼ିଯାଇଥିଲା ଦିନେ ଝଡ଼ି
ବାହାରିଲା ସିଏ ପାଠ ପଢ଼ି,
ବାଟେ ଯାଉଯାଉ ଖସିଗଲା ଗୋଡ଼
ମୁହଁମାଡ଼ି ତଳେ ଗଲା ପଡ଼ି ।



ଗୁରୁଜୀ ଦେଖିଲେ ଦେହ ତା'ର
ପାଣି କାଦୁଅରେ ସରସର,
ତିଳେହେଁ ସେଥିକି ଖାତର ନକରି
ଆସିଅଛି ହୋଇ ତରବର ।



ପଚାରିଲେ ଗୁରୁ ଏ କି ହେଲା
ଏତେ ସରି ତୋତେ କିଏ କଲା,
ପିଲାଟି କହିଲା ବେଗେ ଆସୁ ଆସୁ
କାଦୁଅରେ ଗୋଡ଼ ଖସିଗଲା ।




ହେଲା ଦଶହରା ଛୁଟି ବେଳ
ସାଥୀ ପିଲା ଡାକି କଲା ମେଳ,
ବାଲି ଗୋଡ଼ି ମାଟି ପକାଇ ସଭିଏଁ
ଗାଁ' ଦାଣ୍ଡ କଲେ ସମତୁଲ ।

ଏହା ଦେଖି ଲୋକେ ହେଲେ କାବା
ଡକାଇଲେ ଗୁରୁ ଚାଟସଭା,
କହିଲେ ଏଭଳି ଭଲ କାମ କଲେ
ଦୁନିଆରେ ଦିନେ ବଡ଼ ହେବା ।

ବଡ଼ ହେଲା ଦିନେ ସେହି ପିଲା
'ମଧୁ ବାରିଷ୍ଟର' ବୋଲାଇଲା,
ଦେଶ ପାଇଁ କେତେ କାମ କରି ସିଏ
କାଳକାଳ ଯଶ ରଖିଗଲା ।

କହିଲା ଜାତିର କାନେ କାନେ
ଉଠିବୁ ଆଉ ତୁ କେତେ ଦିନେ,
ପୂରୁବ ଗୌରବ ପୂରୁବ ମହିମା
ପଡୁନାହିଁ କିରେ ତୋର ମନେ ।

ତେଜ ଭରା ତା'ର ବୀର ବାଣୀ
ନବ ଜାଗରଣ ଦେଲା ଆଣି,
ନୂଆ ଜୀବନର ଆଲୋକ ଦେଖାଇ
କୋଟି ଜନ-ମନ ନେଲା ଟାଣି ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ


| | | | |
|---|---|---|---|
| ଚାହାଳି | ଚାଟ | ଡିକ୍ଳେ | ଖାତର |
| ସରସର | ସରି | ଯଶ | ଜାଗରଣ |
| ତରବର | ଡଉଲ ଡାଉଲ | କାବା | ସମତୁଲ |
| ଚେହେରା | ବାରିଷ୍ଟର | ମହିମା | କୋଟି |

### ଶିକ୍ଷକଙ୍କପାଇଁ ସୂଚନା

- ମଧୁବାବୁଙ୍କ ଜୀବନ ସଂପର୍କରେ ଅଧିକ ଧାରଣା ଦେବେ ।
- ମଧୁବାବୁ କଟକ ଜିଲ୍ଲାର ସତ୍ୟଭାମାପୁର ଗ୍ରାମରେ ଜନ୍ମଗ୍ରହଣ କରିଥିଲେ ।
- ଦେଶାତ୍ମବୋଧ, ସେବା ଓ ପରୋପକାରର ମହତ୍ତ୍ୱ କ'ଣ ବୁଝାଇବେ ।

## ଅଭ୍ୟାସ

୧. ତଳ ଚିତ୍ରଟି ଦେଖି ତାହା ସହ ସଂପର୍କିତ ପଦଟିକୁ ମନେପକାଇ ଗାଇବା ।



୨.କୋଠରି ଭିତରୁ ଶବ୍ଦ ଆଣି ଖାଲି ସ୍ଥାନ ପୂରଣ କରିବା ।

| |
|---|
| ଖସିଗଲା ଗୋଡ଼ |
| ଗଲା ପଡ଼ି |
| ଝଡ଼ି |
| ବାହାରିଲା |

ଛାଡ଼ି ଯାଇଥିଲା ଦିନେ ____________

____________ ସିଏ ପାଠ ପଢ଼ି ।

ବାଟେ ଯାଉଯାଉ ____________

ମୁହଁମାଡ଼ି ତଳେ ____________ ।

୩. ସରସର, ତରବର - ଏପରି ଆଉ କେତୋଟି ଶବ୍ଦ ଲେଖ ।

____________________________________________

____________________________________________

୪. ଆସୁଆସୁ, ଯାଉଯାଉ ପରି ଆଉ କେତୋଟି ଶବ୍ଦ ଲେଖ ।

____________________________________________

____________________________________________

୫. ଆସ ତଳ ପ୍ରଶ୍ନଗୁଡ଼ିକର ଉତ୍ତର ବାକ୍ସରୁ ଖୋଜି ବାହାର କରିବା ଓ ସେଗୁଡ଼ିକୁ ପୂରା ବାକ୍ୟରେ ଲେଖିବା ।

| |
|---|
| ମଧୁସୂଦନ ଦାସ / ସ୍ୱତନ୍ତ୍ର ଓଡ଼ିଶା ଗଠନ / ଗାଁ ବାଟ ସମତୁଲ କଲା / ମଧୁବାବୁ / ଚାହାଳି / ଗୋଡ଼ ଖସିଯିବାରୁ / ଭଲକାମ କଲେ / ପାଠ ପଢୁଥିବା ପିଲା |

(କ) ଚାଟ କାହାକୁ କହନ୍ତି ? ____________

(ଖ) ପିଲାଟି ବାଟରେ କାହିଁକି ପଡ଼ିଗଲା ? ____________

(ଗ) ଦଶହରା ଛୁଟିରେ ପିଲାଟି କି କାମ କଲା ? ____________

(ଘ) ଆଗ କାଳରେ ବିଦ୍ୟାଳୟକୁ କ'ଣ କୁହାଯାଉଥିଲା ? ____________

(ଙ) କବିତାରେ କେଉଁ ପିଲାଟି ବିଷୟରେ କୁହାଯାଇଛି ? ____________

(ଚ) କ'ଣ କଲେ କାଳକାଳକୁ ଯଶ ରହେ ? ____________________

(ଛ) ମଧୁବାବୁଙ୍କର ଦେଶପାଇଁ ମୁଖ୍ୟ କାମ କ'ଣ ଥିଲା ? ____________________

(ଜ) ମଧୁବାବୁଙ୍କ ପୂରା ନାମ କ'ଣ ? ____________________

୬. ମଧୁବାବୁଙ୍କୁ କେଉଁ ଉପାଧି ମିଳିଥିଲା ?

ଠିକ ଉତ୍ତରଟି ତଳ କୋଠରିରୁ ଖୋଜି ବାହାର କରିବା ଆସ ।

| ଉତ୍କଳରତ୍ନ, ଉତ୍କଳଗୌରବ, ଉତ୍କଳବୀର, ଉତ୍କଳକେଶରୀ |
|---|

୭. ଦଶହରା ଛୁଟିରେ ସାଥୀ ପିଲାଙ୍କ ସହ ମିଶି ତୁମ ଗ୍ରାମରେ ତୁମେ ଯେଉଁ ସବୁ କାମ କରିବ ବା କରିଛ ଲେଖ ।

____________________

୮. ମଧୁବାବୁଙ୍କ ପରି ଦେଶ ପାଇଁ କାମ କରିଥିବା ଆଉ କେତେ ଜଣଙ୍କ ନାମ ଲେଖ ।

____________________

୯. ତୁମ ଗାଁ'ରେ ବା ଆଖପାଖରେ ଦେଶପାଇଁ କାମ କରୁଥିବା କେହି ଲୋକ ଅଛନ୍ତି କି ? ସେମାନଙ୍କ ବିଷୟରେ ପାଞ୍ଚ ଧାଡ଼ି ଲେଖ ।

____________________


____________________

____________________

____________________


____________________

# ସବୁ ସୁନ୍ଦର



ରବୀନ୍ଦ୍ରବାବୁଙ୍କ ଘର । ତାଙ୍କ ଘର ପଛପଟେ ଗୋଟିଏ ଛୋଟ ବଗିଚା ଅଛି । ବଗିଚାଟି ନାନାଜାତିର ଫୁଲ ଓ ଫଳ ଗଛରେ ପୂର୍ଣ୍ଣ । ରୋଷେଇପାଇଁ ପ୍ରତିଦିନ ବଗିଚାରୁ କିଛି ନା କିଛି ପରିବା ମିଳେ । ଉପରଓଳି ରବୀନ୍ଦ୍ରବାବୁ ବଗିଚାରେ କାମ କରନ୍ତି । ଗୋଟିଏ ଗଛ ମୂଳେ ବସି ଖବର କାଗଜ ପଢ଼ନ୍ତି ।

ଆଜି ରବିବାର । ରବୀନ୍ଦ୍ରବାବୁଙ୍କ ସହିତ ତାଙ୍କ ନାତି ନାତୁଣୀ ବଗିଚା କାମରେ ଲାଗିଛନ୍ତି । ପିଲାଙ୍କସହ ଜେଜେ ଖୁସିରେ କଥାଭାଷା ହେଉଥା'ନ୍ତି । ଜେଜେ କହିଲେ, “ପିଲେ, ବିଭିନ୍ନ ଋତୁରେ ଆମ ବଗିଚାଟି କିପରି ଦେଖାଯାଏ, ତୁମେ ଲକ୍ଷ୍ୟ କରିଥିବ ।” ପିଲାମାନେ ହଁ କହିଲେ । “ତେବେ କହିଲ, ତୁମ ଭିତରୁ କାହାକୁ କେଉଁ ଋତୁ ଭଲ ଲାଗେ, ଆଉ କାହିଁକି ଭଲ ଲାଗେ ?”




ମିତା କହିଲା, “ମୋତେ ବର୍ଷା ଋତୁ ଭାରି ଭଲ ଲାଗେ । ଏଇ ସମୟରେ ପ୍ରଚୁର ପାଣି ମିଳେ । ଗାଧୁଆପାଧୁଆ, ଧୁଆଧୋଇରେ ଖୁବ୍ ସୁବିଧା ହୁଏ । ଚାରିଆଡ଼ ନୂଆ ଗଛପତ୍ରରେ ସୁନ୍ଦର ଦେଖାଯାଏ । ବଗିଚାରୁ ବହୁତ ପନିପରିବା ମିଳେ ।”

ଜେଜେ ତାଙ୍କ ନାତିକୁ ଚାହିଁ କହିଲେ, “ଏବେ ମିଟୁ ତୁ କହ, ତୋତେ କେଉଁ ଋତୁ ଭଲ ଲାଗେ ?”

ମିଟୁ ପଞ୍ଚମ ଶ୍ରେଣୀରେ ପଢ଼େ। ସେ କହିଲା, ''ଜେଜେ, ମୋତେ ଶୀତ ଋତୁଟି ଭାରି ଭଲ ଲାଗେ। କାରଣ ଏଇ ସମୟରେ ଗରମ ବା ବର୍ଷା ନ ଥାଏ। ଦେହକୁ କଷ୍ଟ ହୁଏ ନାହିଁ। ଲୋକେ ବିଲରୁ ଫସଲ ଅମଳ କରନ୍ତି। ବାଡ଼ିବଗିଚାରୁ ନାନା ପ୍ରକାର ପନିପରିବା ମିଳେ। ସଭିଏଁ ମନ ଖୁସିରେ ପୁନେଇଁ ପରବ ପାଳନ୍ତି।''





ଏବେ ବଡ଼ ନାତୁଣୀ ମାଧବୀର ପାଳି। ସେ ସପ୍ତମ ଶ୍ରେଣୀରେ ପଢ଼େ। ମାଧବୀ କହିଲା, ''ଜେଜେ, ମୋତେ ଗ୍ରୀଷ୍ମ ଋତୁ ଭଲ ଲାଗେ। ଏହି ଋତୁରେ ବର୍ଷା କାଦୁଅ ନ ଥାଏ କି ଶୀତରେ ଦେହ ଥରୁ ନ ଥାଏ। ଚାରିଆଡ଼ ସଫା ସୁତୁରା। ବେଳେବେଳେ ଟାଣ ଖରା ହେଲେ ବି ଏହି ଋତୁପାଇଁ ପୃଥିବୀରେ ବର୍ଷା ହୁଏ।''

ଜେଜେ ତାଙ୍କ ନାତିନାତୁଣୀଙ୍କର କଥା ଶୁଣି ଖୁସି ହୋଇ ହସିଲେ। ସାନ ନାତୁଣୀ ମିତା ପଚାରିଲା, ''ଜେଜେ, ତୁମକୁ କେଉଁ ଋତୁ ଭଲ ଲାଗେ କୁହ ନା !



ଜେଜେ କହିଲେ, ''ମୋତେ ସବୁ ଋତୁ, ସବୁ ମାସ ଭଲ ଲାଗେ। ଯେଉଁ ଋତୁ ହେଉନା କାହିଁକି, ତାହା ଆମର କିଛି ଉପକାର କରେ। ମିତା ତ କହିଛି, ବର୍ଷା ଋତୁ ତାକୁ କାହିଁକି ଭଲ ଲାଗେ। ତୁମେ ସବୁ ଜାଣିଛ, ବର୍ଷା ଋତୁରେ କିଭଳି ପୃଥିବୀରେ ଜୀବଜନ୍ତୁ, ଗଛଲତା ଇତ୍ୟାଦି ପାଣି ପାଆନ୍ତି। ନଈ, ନାଳ, ପୋଖରୀ, ଗଡ଼ିଆ ପାଣିରେ ପୂର୍ଣ୍ଣ ହୋଇଯାଆନ୍ତି । ଋଷବାସପାଇଁ ସୁବିଧା ହୁଏ।

ଯେଉଁ ଅଞ୍ଚଳରେ ବର୍ଷା ହୁଏନି, ସେ ଅଞ୍ଚଳ ମରୁଭୂମି ପାଲଟିଯାଏ। ଆଉ ଗୋଟିଏ କଥା ତୁମେ ଜାଣିଛ ? ଗ୍ରୀଷ୍ମଋତୁ ନ ଥିଲେ ବର୍ଷାଋତୁ ବି ନ ଥା'ନ୍ତା। ଖରାଦିନେ ସୂର୍ଯ୍ୟ କିରଣରେ ନଈ, ନାଳ, ପୋଖରୀ, ଗଡ଼ିଆର ପାଣି ବାଷ୍ପ ହୋଇ ଆକାଶକୁ ଉଠିଯାଏ। ସେଇ ବାଷ୍ପ ମେଘଖଣ୍ଡ ହୋଇ ଭାସୁଥାଏ। ସେଇଥିରୁ ବର୍ଷା ହୁଏ।''

ପିଲାମାନେ ଖୁବ୍ ଆଗ୍ରହରେ ଜେଜେଙ୍କ କଥା ଶୁଣୁଥିଲେ। ଜେଜେ ପୁଣି କହିଲେ, ''ଖରାଦିନେ ଆମ୍ବ ପାଚେ, ପଣସ ପାଚେ, ସପୁରି ପାଚେ। ଏଇ ଋତୁରେ ତରଭୁଜ ଓ ତାଳସଜ ବି ମିଳେ। କେଡ଼େ ସୁଆଦିଆ ଏଇ ଫଳଗୁଡ଼ିକ !''

ପିଲାମାନେ ଖୁସିରେ ତାଳି ମାରିଲେ। ଜେଜେ ପୁଣି କହିଲେ, ''ଶୀତଋତୁ ବି ସେଇଭଳି ମନ୍ଦ ନୁହେଁ। ଏଇ ଋତୁରେ କେତେ ଜାତିର ଫୁଲ ଫୁଟେ, କେତେ ଜାତିର ପନିପରିବା ଚାଷ କରାଯାଏ। କେତେ ପ୍ରକାର ଫସଲ ମଧ୍ୟ ଅମଳ କରାଯାଏ। ବାଟଘାଟ ପରିଷ୍କାର ଥାଏ। ତେଣୁ ସବୁ ଋତୁ ଆମ ପାଇଁ ଭଲ। ସବୁ ଋତୁ ସହିତ ଆମେ ନିଜକୁ ଖାପଖୁଆଇ ଚଳିବା ଉଚିତ।''

ପିଲାମାନେ ଜେଜେଙ୍କ କଥା ଶୁଣି କହିଲେ, ''ଜେଜେ ଆମର ଠିକ କଥାଟିଏ କହିଲେ।''

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ପ୍ରଚୁର | ପୁନେଇଁପରବ | ଲକ୍ଷ୍ୟ | ସଭିଏଁ |
| ଅମଳ | ଖାପଖୁଆଇବା | ମନ୍ଦ | ଋତୁ |

### ଶିକ୍ଷକଙ୍କ ପାଇଁ ସୂଚନା :

- ପ୍ରତ୍ୟେକ ଋତୁରେ ପରିବେଶ ସୁନ୍ଦର ଓ ଉପଯୋଗୀ, ଏ କଥାର ଧାରଣା ଦେବେ।
- ଆମ ଚାରିପାଖରେ ପ୍ରକୃତି କିପରି ଆମ ପାଇଁ ଫଳଫୁଲ, ପନିପରିବା ଭରି ଦେଇଛି, ଏ କଥାର ଗୁରୁତ୍ୱ ବୁଝାଇବେ।
- ବର୍ଷକ ବାରମାସ ଓ ଛଅ ଋତୁ ଏବଂ ଜୀବଜଗତ ଉପରେ ଏହାର ପ୍ରଭାବ ଆଲୋଚନା କରିବେ।




୧. ଆସ କଥାବାର୍ତ୍ତା ହେବା ।

(କ) ରବୀନ୍ଦ୍ରବାବୁଙ୍କ ଘର ପଛ ପାଖେ କ'ଣ ଅଛି ?

(ଖ) ବଗିଚାରୁ ରବୀନ୍ଦ୍ରବାବୁ କ'ଣ ସବୁ ପାଆନ୍ତି ?

(ଗ) ରବୀନ୍ଦ୍ରବାବୁ କେଉଁଠାରେ ଖବର କାଗଜ ପଢ଼ନ୍ତି ?

(ଘ) ମାଧବୀଙ୍କୁ କେଉଁ ଋତୁ ଭଲ ଲାଗେ ଓ କାହିଁକି ?

୨. ପାଠରୁ ଉତ୍ତର ଖୋଜି ଲେଖିବା ।

(କ) ଜେଜେ ପ୍ରତିଦିନ ଉପରଓଳି କ'ଣ କରନ୍ତି ? __________

(ଖ) ରବିବାର ଦିନ କିଏକିଏ ଜେଜେଙ୍କ ସହ କାମ କରୁଥିଲେ ? __________

(ଗ) ମିଟୁ କେଉଁ ଶ୍ରେଣୀରେ ପଢ଼େ ? __________

(ଘ) ମିତାଙ୍କୁ କେଉଁ ଋତୁ ଭଲ ଲାଗେ ? __________

(ଙ) ମାଧବୀଙ୍କୁ କାହିଁକି ଗ୍ରୀଷ୍ମଋତୁ ଭଲ ଲାଗେ ? __________

୩. ଆସ ଦେଖିବା, ପଢ଼ିବା ଆଉ ଲେଖିବା ।



(କ) ଯେପରି - ନାତିର ବିପରୀତ ଲିଙ୍ଗ ନାତୁଣୀ ହୁଏ
ପୁଅର ବିପରୀତ ଲିଙ୍ଗ ଝିଅ ହୁଏ

ସେହିପରି ଅଜା ________ ବାପା ________

ଭାଇ ________ ମାମୁ ________

ମଉସା ________ ପିଉସା ________

ଶିକ୍ଷକ ________ ରାଜା ________

(ଖ) ଯେପରି - ବହୁତ ଭଲ - ଭାରି ଭଲ, ବହୁତ କଷ୍ଟ - ଭାରି କଷ୍ଟ

ସେହିପରି - ବହୁତ ଚଗଲା - ________ ବହୁତ ଉଚ୍ଚ - ________

୪. ଆସ ବାକ୍ୟଟିକୁ ଠିକ ଭାବରେ ସଜାଇ ଲେଖିବା ।

(କ) କାମ ବଗିଚାରେ ରବୀନ୍ଦ୍ରବାବୁ ଉପର ଓଳି କରନ୍ତି । ____________________

(ଖ) ପାଳନ୍ତି ପୁନେଇଁ ପରବ ମନରେ ସଭିଏଁ ଖୁସି । ____________________

(ଗ) କେତେ ପ୍ରକାର ମଧ୍ୟ ଅମଳ ଫସଲ କରାଯାଏ । ____________________

୫. ଆସ ତଳେ ଦିଆଯାଇଥିବା ଶବ୍ଦକୁ ନେଇ ବାକ୍ୟ ଗଢ଼ିବା ।

ଖାପଖୁଆଇ, ପୁନେଇଁପରବ, ଅମଳ, ସଫାସୁତୁରା, ପାଳି

____________________

____________________

____________________

____________________

____________________

୬. ତଳ କଥାଗୁଡ଼ିକ କିଏ, କାହିଁକି କହିଛି ?

(କ) ''ମୋତେ ଶୀତଋତୁଟି ଭାରି ଭଲ ଲାଗେ ।''

(ଖ) ''ମୋତେ ବର୍ଷାଋତୁଟି ଭାରି ଭଲ ଲାଗେ ।''

(ଗ) ''ମୋତେ ସବୁ ଋତୁ, ସବୁ ମାସ ଭଲ ଲାଗେ ।''

(ଘ) ''ମୋତେ ଗ୍ରୀଷ୍ମଋତୁଟି ଭଲ ଲାଗେ ।''

୭. ଆମେ ତଳେ ଥିବା ଚିତ୍ରକୁ ଦେଖିବା । ସେଇ ଚିତ୍ର ବିଷୟରେ କିଛି ଲେଖିବା ।

____________________

____________________

____________________

____________________

____________________

____________________

____________________




# ସାହାଯ୍ୟର ସୁଫଳ



ବେଶି ଦିନର କଥା ନୁହେଁ । ସେତେବେଳେ ବଙ୍ଗଳାରେ ଅକାଳ ମରୁଡ଼ି ପଡ଼ିଥାଏ । ଲୋକେ ଭୋକରେ ଆଉଟୁପାଉଟୁ ହୋଇ ଏଣେତେଣେ ଭିକ ମାଗୁଥା'ନ୍ତି । ଚାରିଆଡ଼ ଖାଲି ହାହାକାରରେ ପୂର୍ଣ୍ଣ ।

ସେହି ସମୟରେ ଦିନେ ପଣ୍ଡିତ ଈଶ୍ୱରଚନ୍ଦ୍ର ବିଦ୍ୟାସାଗର ବର୍ଦ୍ଧମାନ ସହରର ଏକ ବଜାର ଆଡ଼କୁ ଯାଉଥା'ନ୍ତି । ସାମନାରେ ଦେଖିଲେ, ଗୋଟିଏ ବାଳକ ଚିରା କନା ପିନ୍ଧି ତାଙ୍କରି ଆଡ଼କୁ ଚାଲିଚାଲି ଆସୁଛି । ନ ଖାଇ ନ ପିଇ ସେ ରୋଗିଣା ଦେଖାଯାଉଛି । ପାଖକୁ ଆସି ବିଦ୍ୟାସାଗରଙ୍କୁ ହାତ ଯୋଡ଼ି କହିଲା – ''ବାବୁ, ମୋତେ ପଇସାଟିଏ ଦିଅନ୍ତୁ । ବଡ଼ ଧର୍ମ ହେବ ଆପଣଙ୍କର । ମୁଁ ଆଉ ମା' ଦୁହେଁ ଭୋକରେ ଅଛୁ ।''



''ଯଦି ମୁଁ ତୋତେ ଚାରି ପଇସା ଦେବି, ତେବେ ତୁ କ'ଣ କରିବୁ ?'' ବିଦ୍ୟାସାଗର ତାକୁ ଚାହିଁ କହିଲେ ।

ବାଳକଟି ଉତ୍ତର ଦେଲା - ''ଦୁଇ ପଇସାର କିଛି କିଣି ଖାଇବି, ଆଉ ଦୁଇ ପଇସା ମା'କୁ ଦେଇଦେବି ।''


''ଆଚ୍ଛା, ତୋତେ ଯଦି ଦୁଇ ଅଣା ଦିଆଯିବ ?'' ବିଦ୍ୟାସାଗର ପଚାରିଲେ ।

ବାଳକଟି ଭାବିଲା, ବାବୁ ତା'କୁ ଥଟ୍ଟା କରୁଛନ୍ତି । କିଛି ନ କହି ବଡ଼ କରୁଣ ଚାହାଣିରେ ତାଙ୍କୁ ଚାହିଁଲା ।

ବିଦ୍ୟାସାଗର ଆଗେଇ ଯାଇ ତା' ହାତ ଧରି ପକାଇଲେ । ଖୁବ୍ ଆଦରରେ କହିଲେ - ''ଯଦି ପ୍ରକୃତରେ ତୋତେ ଚାରିଅଣା ଦେଇ ଦେବି, ତେବେ ତୁ କ'ଣ କରିବୁ ?''


''ଚାରିଅଣା !'' ବଡ଼ ଚକିତ ଚାହାଣିରେ ପିଲାଟି ତାଙ୍କୁ ଚାହିଁଲା । କିଛି କ୍ଷଣ ପରେ ପୁଣି କ'ଣ ଭାବି କହିଲା, ''ତା' ହେଲେ ତ ଆମର ବିପଦ ଘୁଞ୍ଚିଯିବ । ଦୁଇ ଅଣାର ଖାଇବା ଜିନିଷ ନେବି, ଆଉ ଦୁଇ ଅଣାର ଆମ୍ବ କିଣି ବିକିବି । ସେଥିରେ ମୋର କିଛି ଲାଭ ବାହାରି ପଡ଼ିବ ।''

ବିଦ୍ୟାସାଗର ତାକୁ ଗୋଟିଏ ଟଙ୍କା ଦେଲେ । ପିଲାଟିର ଖୁସି କହିଲେ ନ ସରେ । ସେ ତା' ଜୀବନରେ ସେ ପର୍ଯ୍ୟନ୍ତ କେବେହେଲେ ଟଙ୍କାଟିଏ ଦେଖି ନ ଥିଲା । ସେ ସମୟରେ ଗୋଟିଏ ଟଙ୍କାର ମୂଲ୍ୟ କିଛି କମ୍ ନ ଥିଲା । ଟଙ୍କାକରେ ଅନେକ ଜିନିଷ ମିଳୁଥିଲା ।




କେତେବର୍ଷ ବିତିଗଲା । ବିଦ୍ୟାସାଗର ଏ ଘଟଣାକୁ ଭୁଲିଗଲେ । ପୁଣି ଥରେ ବର୍ଦ୍ଧମାନ ଯିବାପାଇଁ ସୁଯୋଗ ମିଳିଲା । ବଜାରରେ ଦୁଇ ତିନି ଜଣ ବନ୍ଧୁଙ୍କ ସାଥିରେ ଯାଉଥା'ନ୍ତି । ସେତିକିବେଳେ ଜଣେ ଯୁବକ ଆସି ତାଙ୍କୁ ପ୍ରଣାମ ଜଣାଇଲା । ତା'ପରେ ତାଙ୍କୁ ତା'ନିଜ ଦୋକାନ ଭିତରକୁ ଯିବା ପାଇଁ ଖୁବ୍ ଅନୁରୋଧ କଲା ।

ବିଦ୍ୟାସାଗର ଯୁବକଟିକୁ ଚାହିଁଲେ, ଚିହ୍ନି ପାରିଲେ ନାହିଁ । ଯୁବକଟିର ଆଖି ଦୁଇଟି ଲୁହରେ ଭରି ଆସିଲା । ସେ ତାଙ୍କୁ ଏଇ ସହରରେ କେତେ ବର୍ଷ ତଳେ ଗୋଟିଏ ଟଙ୍କା ଦେବା ଘଟଣା ମନେପକାଇ ଦେଲା । କହିଲା, ''ଆପଣଙ୍କର ସେଇ ଟଙ୍କାରେ ମୁଁ ଫଳ କିଣି ବୁଲିବୁଲି ବିକ୍ରି କଲି । ପରିଶ୍ରମ କରି ଧୀରେ ଧୀରେ ମୁଁ କିଛି ଟଙ୍କା ମଧ୍ୟ ଜମା କଲି । ପାଖରେ କିଛି ଟଙ୍କା ହୋଇଯିବା ପରେ ଭାବିଲି, କେଉଁଠି ଗୋଟିଏ ଜାଗାରେ ଦୋକାନଟିଏ ଖୋଲିବି । ସେଇ ଟଙ୍କାରେ ମୁଁ ଏବେ ଏଇ ଦୋକାନଟି କରିଛି, ଏହା ହେଉଛି ଆପଣଙ୍କ ସାହାଯ୍ୟର ଫଳ ।''



ସେଦିନର ଗରିବ ପିଲାଟିକୁ ଗୋଟିଏ ଦୋକାନର ମାଲିକ ରୂପେ ଦେଖି ବିଦ୍ୟାସାଗରଙ୍କ ମନ ଆନନ୍ଦରେ ଭରିଗଲା । ତା' ପିଠିକୁ ବାରମ୍ବାର ସେ ଥାପୁଡ଼େଇ ତାକୁ ଧନ୍ୟବାଦ ଦେଲେ । ଯୁବକଟି ତାଙ୍କୁ ଦୋକାନକୁ ଡାକିନେଲା । ସେଦିନ ତା'ର ସୌଭାଗ୍ୟର ଦିନ । ବିଦ୍ୟାସାଗର ମଧ୍ୟ ସେଠାକୁ ଗଲେ । ସେ ଚାହୁଁଥିଲେ, ଯୁବକଟି କେମିତି ଉତ୍ସାହିତ ହୋଇ ଆହୁରି ଉନ୍ନତି କରୁ ।

କାହାର ସାହାଯ୍ୟ ଓ ସହାନୁଭୂତିକୁ ଉପଯୁକ୍ତ ଭାବେ କାମରେ ଲଗାଇଲେ ସେଥିରୁ ଉତ୍ତମ ଫଳ ମିଳେ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ଅକାଳ | କରୁଣ | ମଗୁଡ଼ି | ବାରମ୍ବାର | ଉପଯୁକ୍ତ |
| ଆଉଟୁପାଉଟୁ | ଅଣା | ଚକିତ | ଉନ୍ନତି | ଉତ୍ତମ |
| ସହାନୁଭୂତି | ସୌଭାଗ୍ୟ | ହାହାକାର | ଉତ୍ସାହିତ | ସୁଯୋଗ |

## ଶିକ୍ଷକଙ୍କପାଇଁ ସୂଚନା :

- ଦୁର୍ବଳ ଓ ଗରିବଙ୍କ ପ୍ରତି ସହାନୁଭୂତିଶୀଳ ହେବା ଏକ ମହତ ଗୁଣ, ଏ ବିଷୟରେ ଧାରଣା ଦେବେ।
- ୧୯୫୭ ମସିହା ପୂର୍ବରୁ ୧ଟଙ୍କା ଥିଲା ଷୋହଳ ଅଣା ବା ଚଉଷଠି ପଇସା। ଏ ବିଷୟରେ ପିଲାମାନଙ୍କୁ ବୁଝାଇବେ।
- ସହାନୁଭୂତି ବା ସାହାଯ୍ୟର ସଦୁପଯୋଗ କଲେ ଜୀବନରେ ସଫଳତା ମିଳେ, ଏ କଥା ବୁଝାଇବେ।




୧. ଆସ କଥାବାର୍ତ୍ତା ହେବା ।

(କ) ବିଦ୍ୟାସାଗର କେଉଁ ସହର ଦେଇ ଯାଉଥିଲେ ?

(ଖ) ବାଳକଟି ବିଦ୍ୟାସାଗରଙ୍କୁ ହାତ ଯୋଡ଼ି କ'ଣ କହିଲା ?

(ଗ) ବାଳକକୁ ବିଦ୍ୟାସାଗର କ'ଣ ପଚାରିଲେ ?

(ଘ) ବିଦ୍ୟାସାଗର ପିଲାଟିକୁ କେତେ ଟଙ୍କା ଦେଲେ ?

(ଙ) ପିଲାଟି ଟଙ୍କାଟିଏ ନେଇ କ'ଣ କଲା ?

୨. 'କ' ସ୍ତମ୍ଭର ଶବ୍ଦ ସହ 'ଖ' ସ୍ତମ୍ଭର ସଂପର୍କିତ ଶବ୍ଦକୁ ଯୋଡ଼ିବା ।

| 'କ' | 'ଖ' |
|---|---|
| ଚିରା | ମରୁଡ଼ି |
| କରୁଣ | କନା |
| ରୋଗିଣା | ଚାହାଣି |
| ଅକାଳ | ବାଳକ |
| | ଲୁହ |

୩. ଉତ୍ସାହରୁ ଯେପରି "ଉତ୍ସାହିତ" ଲେଖାଯାଇଛି, ସେହିପରି ନିମ୍ନ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଗାର ଟାଣି ଦେଖାଇବା।

| | |
|---|---|
| କଥା | ନିନ୍ଦନୀୟ |
| ଉଦୟ | ଉଦିତ |
| ନିନ୍ଦା | କଥିତ |
| | ଉଦ୍ୟମ |
| | ନିନ୍ଦିତ |

୪. ଦୁଇଜଣ ସାଙ୍ଗ ବିଦ୍ୟାସାଗର ଓ ଗରିବପିଲା ହୋଇ ଅଭିନୟ କର ।

୫. ଆସ ସାଙ୍ଗମାନଙ୍କ ମେଳରେ ଆଲୋଚନା କରିବା ଓ ଉତ୍ତର ଲେଖିବା ।

(କ) କେଉଁ ରାଜ୍ୟରେ ମରୁଡ଼ି ପଡ଼ିଥିଲା ? ______

(ଖ) ମରୁଡ଼ି ବେଳେ ଲୋକେ କିପରି ଥାଆନ୍ତି ? ______

(ଗ) ଈଶ୍ୱର ଚନ୍ଦ୍ର କେଉଁଆଡ଼େ ଯାଉଥିଲେ ? ______

(ଘ) ରାସ୍ତାରେ ସେ କାହାକୁ ଦେଖିଲେ ? ______

(ଙ) ପିଲାଟିର ଅବସ୍ଥା କିପରି ଥିଲା ? ______

(ଚ) ଈଶ୍ୱର ଚନ୍ଦ୍ର ପିଲାଟିକୁ କେତେ ପଇସା ଦେଲେ ? ______

(ଛ) ବାଳକଟି ଟଙ୍କାଟିକୁ କିପରି କାମରେ ଲଗାଇଲା ? ______

(ଜ) ସେ ଦିନର ଗରିବ ପିଲାକୁ ଦୋକାନର ମାଲିକ ରୂପେ ଦେଖି ବିଦ୍ୟାସାଗରଙ୍କ ମନ କାହିଁକି ଆନନ୍ଦରେ ଭରିଗଲା ? ______

୬. ଆସ ଭାବିବା ଏବଂ ଠିକ ଉତ୍ତର ବାଛି କହିବା ।

(କ) ବିଦ୍ୟାସାଗର ପିଲାଟିକୁ ପଇସାଟିଏ ବଦଳରେ ଟଙ୍କାଟିଏ ଦେଲେ କାହିଁକି ?

୧. ନିଜର ଦାନୀପଣିଆ ଦେଖାଇବା ପାଇଁ

୨. ପିଲାଟିର ମାଗିବା ଅଭ୍ୟାସ ବଢ଼ାଇବା ପାଇଁ

୩. ପିଲାଟିକୁ ରୋଜଗାରକ୍ଷମ କରାଇବା ପାଇଁ

(ଖ) ଦୋକାନୀଯୁବକ ଉପରେ ବିଦ୍ୟାସାଗର ଖୁସିହେଲେ କାହିଁକି ?

୧. ଯୁବକଟିର ନମ୍ରତା ଦେଖି

୨. ଯୁବକଟିର ଫଳ ଦୋକାନ ଦେଖି

୩. ଯୁବକଟିକୁ ରୋଜଗାରକ୍ଷମ ହୋଇଥିବା ଦେଖି

୭. (କ) ମରୁଡ଼ି ସମୟର ଘଟଣା ପାଞ୍ଚ ଧାଡ଼ିରେ ଲେଖ ।

______

______

______

______

______

(ଖ) ତୁମ ବାପା ତୁମକୁ ଦଶଟଙ୍କା ଦେଲେ କ'ଣ କରିବ ଲେଖ ।

୮. ଏହି ଚିତ୍ରକୁ ଦେଖି ଆଉଟୁପାଉଟୁ, ଏଣେତେଣେ, ଚିରାଲେଙ୍କଡ଼ା, ଦୁଃଖୀରଙ୍କି ଶବ୍ଦଗୁଡ଼ିକୁ ନେଇ ଲୋକଟି ବିଷୟରେ ଚାରି ଧାଡ଼ିରେ ଲେଖ ।



୯. ବିଦ୍ୟାସାଗରଙ୍କପରି ଆଉ ଯେଉଁ ମହାପୁରୁଷମାନେ ଦୁଃଖୀରଙ୍କିଙ୍କୁ ସାହାଯ୍ୟ କରୁଥିଲେ, ସେମାନଙ୍କ ନାମ ଲେଖ ।

# ଟିକି ଫୁଲଟିର ବାସ

ପବନ ଭଅଁର    ମହୁମାଛି ଏକ
ମିଳିଲେ ଏକାଠି ଦିନେ,
ଟିକି ଫୁଲଟିଏ    ମନ କଥା ତା'ର
କହିଲା ତାଙ୍କରି କାନେ ।





ଜଗତ କରତା    କେତେ ଆଦରରେ
ଆଣିଲେ ଏଠାକୁ ମୋତେ,
ସାନଟିରୁ ଆଣି    ବଡ଼ଟିଏ କଲେ
କେତେ ଯତନରେ ସତେ ।



ଭାବନା ତାଙ୍କର    ଅଟଇ ଅପାର
କିଏ ବା ପାରିବ କଳି,
ତାଙ୍କ ମନ ଜାଣି    କରମ କରିଲେ
ଦିଅନ୍ତି କରୁଣା ଢାଳି ।



ନିତି ମୁଁ ଡାକଇ    ଭକତି ଅନ୍ତରେ
ହେ ପ୍ରଭୁ ପରମେଶ୍ୱର,
ଯେଉଁ ବାସଟିକ    ମାଖି ଦେଇ ଅଛ
ପ୍ରତି ପାଖୁଡ଼ାରେ ମୋର ।



ସେହି ବାସନାକୁ    ବିତରିବା ପାଇଁ
ଦିଅ ମୋ ମନରେ ବଳ,
ତୋଷି ଜନ ମନ    ହୋଇବି ମୁଁ ଧନ୍ୟ
ଜୀଇଁଥିବି ଯେତେ କାଳ ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଅପାର ବିତରିବା କଳି ବାସ ମାଖି

ଭକତି କାଳ ଧନ୍ୟ ଅନ୍ତର ପରମେଶ୍ୱର

### ଶିକ୍ଷକଙ୍କପାଇଁ ସୂଚନା

- ଟିକିଫୁଲଟି ହେଲେ ମଧ୍ୟ ସେ ନିଜକୁ ତୁଚ୍ଛ ମନେ କରୁନାହିଁ । ସେହିପରି ହେବାକୁ ପିଲାଙ୍କୁ ଧାରଣା ଦେବେ ।
- ଟିକି ଫୁଲପରି ସଂସାରର ମଙ୍ଗଳପାଇଁ ନିଜକୁ ଉତ୍ସର୍ଗ କରିବାକୁ ଉପଦେଶ ଦେବେ ।
- ଭିନ୍ନଭିନ୍ନ ପ୍ରକାରର ଫୁଲ ବିଷୟରେ ଧାରଣା ଦେବେ ।
- ଫୁଲ ମଧ୍ୟରେ ସୁବାସ ସହିତ ମହୁ ଥାଏ, ଏକଥା କହିବେ ।




୧. ଆସ କବିତାରୁ ଉତ୍ତର ଖୋଜିବା ଓ କଥାବାର୍ତ୍ତା ହେବା ।

(କ) ଫୁଲ ସହିତ କେଉଁମାନଙ୍କର ଦେଖା ହେଲା ?

(ଖ) ଭଅଁର ଓ ମହୁମାଛିଙ୍କୁ କିଏ ମନକଥା କହିଲା ?

(ଗ) ଭଗବାନ କେଉଁ କାମଟିକୁ ଭଲ ପାଆନ୍ତି ?

(ଘ) ଭକତି ଅନ୍ତରେ କିଏ ପରମେଶ୍ୱରଙ୍କୁ ଡାକୁଥିଲା ?

(ଙ) ଫୁଲ କ'ଣ ବିତରିବା ପାଇଁ ଚାହୁଁଅଛି ?

୨. ଆସ ପଦ୍ୟ ରୂପକୁ ଗଦ୍ୟରେ ପ୍ରକାଶ କରି ଖାଲି କୋଠରିରେ ଲେଖିବା ।

| ପଦ୍ୟ ରୂପରେ | ଗଦ୍ୟ ରୂପରେ |
| --- | --- |
| ଯତନ | ଯତ୍ନ |
| କରମ | |
| ଭକତି | |
| ଧରମ | |
| ପରାଣ | |
| କରତା | |

୩. ପ୍ରଜାପତିର ବାମପଟ ଡେଣାରେ ଥିବା ଶବ୍ଦ ଓ ତା'ର ବିପରୀତ ଅର୍ଥବୋଧକ ଶବ୍ଦକୁ ଡାହାଣପଟ ଡେଣାରୁ ବାଛି ତଳ କୋଠରିରେ ଲେଖ।




ଭିତର ବାହାର

୪. ତଳ କୋଠରିରେ ଥିବା ଅକ୍ଷରଗୁଡ଼ିକୁ ନେଇ ଦୁଇ ଅକ୍ଷର ଓ ତିନି ଅକ୍ଷର ବିଶିଷ୍ଟ ଶବ୍ଦ ଗଢ଼ । ଦେଖ, ଏ ଶବ୍ଦଗୁଡ଼ିକରୁ କେତୋଟି ପଠିତ କବିତାରେ ଅଛି ।

| | | | |
|---|---|---|---|
| କ | ମା | ଲ | ଜ |
| ଳି | ଫୁ | ତା | ଗ |
| ବା | ସ | ନା | ତ |
| ଟ | କ | ରୁ | ଣା |

| | |
|---|---|
| | |
| | |
| | |
| | |
| | |
| | |
| | |

୫. ପଦ୍ୟର ତୃତୀୟ ପଦରେ ଥିବା 'କଳି' ଶବ୍ଦ ସହିତ ଯେପରି 'ଢଳି' ମିଶୁଛି, ସେଇପରି ଆଉ ଦୁଇଟା ଲେଖାଏଁ ଶବ୍ଦ ଲେଖ ଯାହାର ଦ୍ୱିତୀୟ ଅକ୍ଷର 'ଳି' ହୋଇଥିବ ।

ଯେପରି : ତାଳି, ଥାଳି

________________

________________



୬. ଯେଉଁ ପଦରେ ବାସନା ବିତରିବା କଥା କୁହାଯାଇଛି, ସେହି ପଦଟିକୁ ମନେ ପକାଇବା ଓ ଲେଖିବା ।

୭. ପ୍ରଶ୍ନଗୁଡ଼ିକୁ ଭଲ ଭାବରେ ପଢ଼ି ଉତ୍ତରଗୁଡ଼ିକ ପୂର୍ଣ୍ଣ ବାକ୍ୟରେ ଲେଖିବା ।

(କ) ଟିକି ଫୁଲଟି କାହାକୁ ନିଜ ମନର କଥା କହୁଥିଲା ?

ଉ : ______________________________

(ଖ) ଫୁଲଟି ଜୀଇଁଥିବା ଯାଏ କ'ଣ କରିବାକୁ ଚାହେଁ ?

ଉ : ______________________________

(ଗ) ''କେତେ ଆଦରରେ ଆଣିଲେ ଏଠାକୁ ମୋତେ'' – ଏହା କିଏ କହିଛି ଓ କାହାକୁ କହିଛି ?

ଉ : ______________________________

୮. ତୁମେ ଯଦି ଫୁଲଟିଏ ହୋଇଥାଆନ୍ତ, ତେବେ ତୁମେ କ'ଣ କରିବାକୁ ଇଚ୍ଛା କରିଥାଆନ୍ତ ? ପାଞ୍ଚଟି ଧାଡ଼ିରେ ଲେଖ ।

______________________________

______________________________

______________________________

______________________________

______________________________

୯. ତଳେ ଦିଆଯାଇଥିବା ଫୁଲଗୁଡ଼ିକର ଚିତ୍ରରେ ରଙ୍ଗ ଦିଅ ।



# ସାନ ସିନା, ଦାନ ତା' ମହାନ



ଆଜକୁ ପ୍ରାୟ ଆଠଶହ ବର୍ଷ ତଳର କଥା । ଲାଙ୍ଗୁଳା ନରସିଂହ ଦେବ ନାମରେ ଜଣେ ରାଜା ଓଡ଼ିଶାରେ ରାଜୁତି କରୁଥାଆନ୍ତି । ସେ ସୂର୍ଯ୍ୟଙ୍କର ପୂଜାପାଇଁ ସୁନ୍ଦର ମନ୍ଦିରଟିଏ ତୋଳାଇବାକୁ ଇଚ୍ଛାକଲେ । ରାଜାଙ୍କ ଆଦେଶରେ ସାରା ରାଜ୍ୟର ଅନେକ କାରିଗର ଆସି ଠୁଳ ହେଲେ । ସେମାନଙ୍କ ଭିତରୁ ବାରଶହ ଭଲଭଲ କାରିଗରଙ୍କୁ ବଛା ଗଲା ।

ସେତେବେଳେ ପଥରରେ ସୁନ୍ଦର କାମ କରି ଓଡ଼ିଶାର କାରିଗରମାନେ ନାଁ କରିଥିଲେ । ସେତେବେଳେ ତ ସିମେଣ୍ଟ ନ ଥାଏ । ପଥରକୁ ଯୋଡ଼ିବା ପାଇଁ ଏକପ୍ରକାର ଚୂନ ବ୍ୟବହାର କରାଯାଉଥିଲା ।



ସମୁଦ୍ର କୂଳରେ ଚନ୍ଦ୍ରଭାଗା ନଦୀ ମୁହାଣରେ ଏହି ମନ୍ଦିର ତୋଳା ହେଲା । ମନ୍ଦିରଟି ତିଆରି ହେଲା ଗୋଟିଏ ରଥ ଆକାରରେ । ସେଥିରେ ସାତଟି ପଥରଘୋଡ଼ା ଯୋଖା ହେଲା । ମନ୍ଦିରର ସିଂହାସନରେ ରହିଲା ସୂର୍ଯ୍ୟଙ୍କର ପ୍ରତିମା । ପୂର୍ବ ଦିଗରେ ସୂର୍ଯ୍ୟ ଉଇଁଲା ମାତ୍ରେ ପ୍ରଥମ କିରଣ ସୂର୍ଯ୍ୟମୂର୍ତ୍ତିର ପାଦତଳେ ପଡୁଥିଲା । ଏହି ମନ୍ଦିର ନିର୍ମାଣରେ ଓଡ଼ିଶାର ବାର ବର୍ଷର ରାଜସ୍ୱ ଖର୍ଚ୍ଚ ହୋଇଥିଲା ।

ଆସ୍ତେଆସ୍ତେ ମନ୍ଦିର, ନାଟ ମନ୍ଦିର, ମୁଖଶାଳା ଆଦି ତିଆରି ସରିଥାଏ । ଗଛଲତା, ଫୁଲଫଳ, ହାତୀଘୋଡ଼ା ଆଦି ଜୀବଜନ୍ତୁ, ଦେବଦେବୀ, ମନୁଷ୍ୟ ପ୍ରଭୃତି ମୂର୍ତ୍ତିରେ ମନ୍ଦିର ଝଲମଲ କରୁଥାଏ । ତଥାପି ମନ୍ଦିରଟି ସମ୍ପୂର୍ଣ୍ଣ ହୋଇପାରୁ ନ ଥାଏ । କାରିଗରମାନେ ଯେତେ ଥର ମନ୍ଦିର ଉପରେ

ଦଧିନଉତିକୁ ବସାଉଥାଆନ୍ତି, ତାହା ଖସି ପଡୁଥାଏ । ମୁଖ୍ୟ କାରିଗର ଥାଆନ୍ତି ବିଶୁ ମହାରଣା । ସେ ତାଙ୍କର ସବୁ ବିଦ୍ୟାବୁଦ୍ଧି ଖଟାଇ ମଧ୍ୟ ମନ୍ଦିରର ଦଧିନଉତିକୁ ବସାଇ ପାରୁ ନ ଥାଆନ୍ତି । ଦଧିନଉତିକୁ ବସାଇ ସାରିବା ପରେ ହିଁ ମନ୍ଦିର କାମ ଶେଷ ହେବ ।



ଏଣେ ରାଜା ଅଧୀର ହୋଇ ପଡ଼ିଲେଣି । ସେ ବିଶୁ ମହାରଣାଙ୍କୁ ଡକାଇ କହିଲେ, "ମୁଁ ଆଉ ସାତଦିନମାତ୍ର ସମୟ ଦେଉଛି । ଏହାରି ଭିତରେ ଦେଉଳର ମୁଣ୍ଡିମାରିବ, ନ ହେଲେ ବାରଶହ କାରିଗରଙ୍କର ମୁଣ୍ଡ କାଟ ହେବ ।"



ବିଶୁ ମହାରଣା ମନ ଦୁଃଖରେ ଫେରି ରାଜାଙ୍କର ଆଦେଶ କାରିଗର ଭାଇମାନଙ୍କୁ ଜଣାଇଦେଲେ । ସମସ୍ତଙ୍କ ମୁହଁ ଶୁଖିଗଲା । ଘରଦ୍ୱାର ଛାଡ଼ି ବାରବର୍ଷ କାଳ ଲାଗି ଏଡ଼େ ବଡ଼ ମନ୍ଦିରଟିଏ ତୋଳିଲେ; ଅଥଚ ମନ୍ଦିରର ଦଧିନଉତି ଖଞ୍ଜାଯାଇ ପାରୁନାହିଁ । ସେଥିପାଇଁ ସମସ୍ତଙ୍କ ମୁଣ୍ଡକାଟ ହେବ ।

ବିଶୁ ମହାରଣା ଦେଉଳ ତୋଳିବାକୁ ଘରୁ ଆସିବାବେଳେ ତାଙ୍କର ପୁଅଟିଏ ହୋଇଥାଏ । ପୁଅର ନାଆଁ ଦିଆ ହୋଇଥାଏ 'ଧର୍ମପଦ' । ଡାକ ନାଆଁ ଧରମା । ତାକୁ ଯେତେବେଳେ ବାର ବର୍ଷ, ସେ ବାପାଙ୍କ ପାଖକୁ ଯିବାପାଇଁ ଅଳିକଲା । ଧରମାକୁ ଏକୁଟିଆ ଛାଡ଼ିବା ପାଇଁ ମାଆ ପ୍ରଥମେ ଅମଙ୍ଗ ହେଉଥିଲେ; ମାତ୍ର ଯିବାପାଇଁ ପୁଅର ଜିଗର ଦେଖି ମନାକରି ପାରିଲେ ନାହିଁ । ଧରମାକୁ କାଳେ ଏତେଦିନ ପରେ ବିଶୁ ଚିହ୍ନି ପାରିବେ ନାହିଁ, ସେଥିପାଇଁ ସାଥିରେ ବାଡ଼ି ବରକୋଳି କିଛି ଦେଇଥା'ନ୍ତି ।



ଧରମା ପଚାରି ପଚାରି କୋଣାର୍କ ଗଲା ଓ ବିଶୁ ମହାରଣାଙ୍କୁ ଠାବ କଲା । ବିଶୁ ମହାରଣା ନିଜ ବାଡ଼ି ବରକୋଳି ଦେଖି ପୁଅକୁ ଚିହ୍ନି ପାରିଲେ । ଆନନ୍ଦରେ ତାକୁ କୁଣ୍ଢାଇ ପକାଇଲେ ।

ଧରମା ଦେଖିଲା, ବାପାଙ୍କ ମନରେ ସୁଖ ନାହିଁ । ସେ ତାହାର କାରଣ ପଚାରି ବୁଝିଲା । ରାତି ପାହିଲେ ବିଶୁ ମହାରଣା ସହିତ ବାରଶହ କାରିଗରଙ୍କର ମୁଣ୍ଡ କାଟ ହେବ । ଏକଥା ଜାଣି ଧରମାର ମନ ବିକଳ ହୋଇ ଉଠିଲା ।



ଧରମା ବି କାରିଗର କୁଳର ପିଲା । ତାକୁ ମଧ୍ୟ କାରିଗରୀ ବିଦ୍ୟା ଜଣା ଥିଲା । ଦଧିନଉତି ବସାଇ ମନ୍ଦିରର ମୁଣ୍ଡି ମାରିପାରିବ ବୋଲି ଧରମାର ସାହସ ହେଲା । ସେ ବାପାଙ୍କ ଠାରୁ ଅନୁମତି ନେଇ ମନ୍ଦିରଚୂଳକୁ ଉଠିଲା । ରାତାରାତି ମାପଚୁପ କରି ଦଧିନଉତି ବସାଇ ଦେଲା । ସକାଳ ହେବା ଆଗରୁ ଦେଖାଗଲା ମନ୍ଦିର କାମ ଶେଷ ।

ବିଶୁ ମହାରଣା ପୁଅର କାମ ଦେଖି ଆନନ୍ଦରେ ଫାଟି ପଡ଼ିଲେ । ତାକୁ କୋଳକୁ ନେଇ କହିଲେ, ''ଏଡ଼େ ସାନ ପିଲାଟିଏ ହୋଇ ମଧ୍ୟ ତୁ ଆଜି ଆମର ମାନ ରଖିଦେଲୁ ।''

ଅନ୍ୟ କାରିଗରମାନେ ବିଶୁ ମହାରଣାଙ୍କ ପାଖକୁ ଆସି କହିଲେ, ''ରାଜା ଏବେ ଜାଣିବେ, ବାରଶହ ବଢ଼େଇ ଯାହା କରିପାରିଲେ ନାହିଁ, ତାହା ସାମାନ୍ୟ ବାର ବର୍ଷର ପିଲାଟିଏ କରିଦେଇଛି । ସେ ନିଶ୍ଚୟ ଆମ୍ଭମାନଙ୍କର ମୁଣ୍ଡ କାଟର ଆଦେଶ ଦେବେ । ତେଣୁ ତୁମକୁ ଆଜି ସ୍ଥିର କରିବାକୁ ହେବ, ଆମେ ରହିବୁ ନା ତୁମ ପୁଅ ରହିବ ? ତୁମେ ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ ?''

ବିଶୁ ମହାରଣା ବଡ଼ ଦ୍ୱନ୍ଦ୍ୱରେ ପଡ଼ିଲେ । ପୁଅ ପାଇଁ କ'ଣ ବାରଶହ ବଢ଼େଇ ମରିବେ !

ଏକଥା ଶୁଣି ଧରମା ତା'ର ବାପାଙ୍କୁ କହିଲା, ''ବାପା, ମୋ ପାଇଁ ଆଜି ବାରଶହ ବଢ଼େଇଙ୍କର ଜୀବନ ଯିବ, ଏହା ଭଲ କଥା ନୁହେଁ । ମୁଁ ତ ଗୋଟିଏ ଛୋଟିଆ ପିଲା । ମୁଁ ଏକୁଟିଆ ବଞ୍ଚିରହି କି ଲାଭ ? ମୋ ଜୀବନ ପଛେ ଯାଉ, ହେଲେ ବାରଶହ କାରିଗରଙ୍କ ଜୀବନ ରହୁ । ମୁଁ ଯେ ମନ୍ଦିର ମୁଣ୍ଡି ମାରିଛି, ଏକଥା ରାଜା ନ ଜାଣନ୍ତୁ ।''



ଏକଥା ଶୁଣି ବିଶୁ ପୁଅକୁ କୁଣ୍ଢାଇ ପକାଇଲେ । ତାଙ୍କ ଆଖିରୁ ଲୁହ ଝରିଗଲା । ବାପାଙ୍କ ଆଖିରୁ ଲୁହ ପୋଛି ଦେଇ ଧରମା କହିଲା, ''ବାପା, ଜନ୍ମ ହେଲେ ଦିନେ ନା ଦିନେ ମରିବାକୁ ହେବ । ମହତ୍ କାର୍ଯ୍ୟରେ ଜୀବନ ଦେବା କେତେ ଜଣଙ୍କ ଭାଗ୍ୟରେ ଘଟେ ? ଆଜି ଆମର ପରୀକ୍ଷାର ବେଳ । ଏତେବେଳେ ମୋ ପାଇଁ ଚିନ୍ତା କରି ତୁମେ ଅଧୀର ହୁଅ ନାହିଁ । ମୋତେ ହସିହସି ବିଦାୟ ଦିଅ ।'' ପୁଅର କଥା ଶୁଣି ବିଶୁ ମହାରଣାଙ୍କ ମୁହଁରୁ କଥା ବାହାରୁ ନ ଥାଏ । ଧର୍ମପଦ ବାପାଙ୍କ ପାଦତଳେ ମୁଣ୍ଡ ଲଗାଇ କହିଲା, "ମାଆଙ୍କ ସହିତ ଆଉ ଦେଖା ହୋଇପାରିବ ନାହିଁ । ତାଙ୍କୁ ବୁଝାଇ କହିବ, ତାଙ୍କ ପୁଅ ଜାତି ପାଇଁ ଜୀବନ ଦେଇଛି ।" ଏତକ କହି

ଆଉ ତିଳେ ମାତ୍ର ଅପେକ୍ଷା ନ କରି ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ସେ ମନ୍ଦିର ଉପରକୁ ଚଢ଼ିଗଲା। ସେଇଠାରୁ ସେ ହସି ହସି ଚନ୍ଦ୍ରଭାଗା ନଦୀ ମଝିକୁ ଡେଇଁ ପଡ଼ିଲା।



ଆଜି ଧର୍ମପଦ ନାହିଁ। କୋଣାର୍କ ମନ୍ଦିର ମଧ୍ୟ ଭଗ୍ନ ଅବସ୍ଥାରେ। କିନ୍ତୁ ବାରବର୍ଷର ପିଲାଟିଏ ଜାତି ପାଇଁ, ଦେଶ ପାଇଁ ଯାହା କରିଗଲା ତାହା କାଳକାଳକୁ ରହିଗଲା। ଏବେବି ସମସ୍ତେ କହନ୍ତି :

''ସାନ ସିନା, ଦାନ ତା' ମହାନ''।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ତିଳେମାତ୍ର | ଦଧିନଉତି | ମୁହାଣ | ଠୁଳ | ଅଳି |
| ଦ୍ୱନ୍ଦ୍ୱ | ରାଜସ୍ୱ | ମୁଖ୍ୟ | ଅମଙ୍ଗ | ଠାବ |
| ଜିଗର | କାଳକାଳ | ବିଚଳିତ | ଭଗ୍ନ | ଦାୟ |

## ଶିକ୍ଷକଙ୍କପାଇଁ ସୂଚନା

- ସାନ ପିଲାଟିଏ ମଧ୍ୟ ବଡ଼ କାମ କରିପାରେ, ଏ ବିଶ୍ୱାସ ପିଲାଙ୍କୁ ପ୍ରଦାନ କରିବେ ଓ ଅନ୍ୟ ସାନପିଲାଙ୍କ ମହତକାମ ବିଷୟରେ ଆଲୋଚନା କରିବେ ।
- ଆମ ଗୌରବମୟ ଇତିହାସ, ସଂସ୍କୃତି ଓ କଳା ସମ୍ବନ୍ଧରେ ବର୍ଣ୍ଣନା କରିବେ ।
- କୋଣାର୍କର ଘୋଡ଼ା ଓ ଚକ୍ର ଆମ ରାଜ୍ୟର ପ୍ରତୀକ, ଏହା ପିଲାଙ୍କୁ ବୁଝାଇବେ ।




୧. ଆସ ଠିକ୍ ଉତ୍ତରଟି ବାଛିବା ଏବଂ ତା ପାଖରେ (√) ଚିହ୍ନ ଦେବା ।

(କ) ରାଜା ନରସିଂହ ଦେବ କାହାର ପୂଜା ପାଇଁ ମନ୍ଦିରଟିଏ ତୋଳାଇବାକୁ ଚାହିଁଲେ ?

(୧) ଶିବଙ୍କ ପୂଜା ପାଇଁ (୩) କୃଷ୍ଣଙ୍କ ପୂଜା ପାଇଁ

(୨) ସୂର୍ଯ୍ୟଙ୍କ ପୂଜା ପାଇଁ (୪) ଚନ୍ଦ୍ରଙ୍କ ପୂଜା ପାଇଁ

(ଖ) ମନ୍ଦିରଟି କେଉଁଠି ତୋଳା ହେଲା ?

(୧) ମହାନଦୀ ମୁହାଣରେ (୩) ବ୍ରାହ୍ମଣୀ କୂଳରେ

(୨) ଚନ୍ଦ୍ରଭାଗା ମୁହାଣରେ (୪) ବୈତରଣୀ କୂଳରେ

(ଗ) ମନ୍ଦିରଟିର ଆକାର କିପରି ?

(୧) ଘୋଡ଼ା ପରି (୩) ରଥ ପରି

(୨) ବିମାନ ପରି (୪) ଦୁର୍ଗ ପରି

(ଘ) କାହା ପାଇଁ ଧରମା ଜୀବନ ଦେଲା ?

(୧) ଲୋକମାନଙ୍କ ପାଇଁ (୩) ଜାତିଭାଇଙ୍କ ପାଇଁ

(୨) ରାଜାଙ୍କ ପାଇଁ (୪) ବାପାଙ୍କ ପାଇଁ

(ଙ) 'ବାରଶହ ବଢ଼େଇରେ ଦାୟ ନା ପୁଅରେ ଦାୟ', କିଏ କହିଥିଲେ ଏ କଥା ?

(୧) ରାଜା (୩) ବାରଶହ ବଢ଼େଇ

(୨) ଧରମା (୪) ବିଶୁ ମହାରଣା

୨. ''ସାନ ସିନା ଦାନ ତା' ମହାନ''।

(କ) ଏ କଥା କିଏ କହନ୍ତି ?

(ଖ) କାହାକୁ ସାନ ବୋଲି କୁହାଯାଇଛି ?

(ଗ) ସାନ ପିଲାଟିର ମହାନ୍ ଦାନଟି କ'ଣ ?

୩. ଆସ ଆମେ ନିଜେ ନରସିଂହ ଦେବ, ବିଶୁ ମହାରଣା ଓ ଧରମା ହୋଇ ସେମାନେ ଏଇ ଗଳ୍ପରେ ଯାହା କହିଛନ୍ତି, ତାହା ଅଭିନୟ କରିବା ।

୪. ତଳେ କହିଥିବା କଥାକୁ କିଏ କହିଛନ୍ତି ? କାହିଁକି କହିଛନ୍ତି ?

(କ) "ମୁଁ ସାତ ଦିନ ସମୟ ଦେଉଛି" ________________।

(ଖ) "ତୁ ଆଜି ଆମର ମାନ ରଖିଦେଲୁ" ________________।

(ଗ) "ମହତ କାର୍ଯ୍ୟରେ ଜୀବନ ଦେବା କେତେଜଣଙ୍କ ଭାଗ୍ୟରେ ଘଟେ ?" ________।

(ଘ) "ସେ ନିଶ୍ଚୟ ଆମ୍ଭମାନଙ୍କର ମୁଣ୍ଡ କାଟପାଇଁ ଆଦେଶ ଦେବେ।" ________।

୫. ଚିତ୍ରଟିକୁ ଦେଖି ତଳ ଶବ୍ଦଗୁଡ଼ିକୁ ବ୍ୟବହାର କରି ମନ୍ଦିର ବିଷୟରେ ପାଞ୍ଚ ଧାଡ଼ି ଲେଖ।



| ମୁଖଶାଳା, ମୁହାଣ, ମୁଣ୍ଡି, ଝଲମଲ, ପ୍ରତିମା |
|---|

୬. ମୂଷାଟି କାହାକୁ କେଉଁ ବେଲୁନ୍‌ଟି ଦେଲେ, ସେ ଗୋଟିଏ ଲେଖାଏଁ ଉପଯୁକ୍ତ ଯୋଡ଼ା ଶବ୍ଦ ପାଇବ ?

ଯେପରି - ନଦୀ **ନାଳ**

ଫୁଲ

ଜୀବ

ହାତୀ

ବିଦ୍ୟା




୭. ଯେଉଁ ଶବ୍ଦ ତଳେ ଗାର ଅଛି ତାକୁ ଲଗାଇ ନୂଆ ବାକ୍ୟଟିଏ କହ ଓ ଲେଖ ।

(କ) ସେତେବେଳେ <u>ତ</u> ସିମେଣ୍ଟ ନ ଥାଏ। ______________________

(ଖ) <u>ତଥାପି</u> ମନ୍ଦିରଟି ସଂପୂର୍ଣ୍ଣ ହେଉ ନ ଥାଏ। ______________________

(ଗ) ତାକୁ <u>ମଧ୍ୟ</u> କାରିଗରୀ ବିଦ୍ୟା ଜଣାଥିଲା। ______________________

| ୮. **ମନ୍ଦିରର ନାମ** | **ଯିଏ ତୋଳାଇଥିଲେ** |
| --- | --- |
| ଯେପରି - କୋଣାର୍କ ମନ୍ଦିର | ନରସିଂହ ଦେବ |
| ସେହିପରି - ଜଗନ୍ନାଥ ମନ୍ଦିର | ______________ |
| ଲିଙ୍ଗରାଜ ମନ୍ଦିର | ______________ |

୯. ତୁମକୁ ଏଇ ଗପରେ କାହା କଥା ଭଲ ଲାଗୁଛି ଓ କାହିଁକି ଭଲ ଲାଗୁଛି ଲେଖ।

______________________________________________

______________________________________________

୧୦. ଧରମା ଜାତିପାଇଁ, ଦେଶପାଇଁ ଜୀବନ ଦେଲା । ତୁମେ ଦେଶପାଇଁ କ'ଣ କରିବାକୁ ଚାହୁଁଛ ଲେଖ।

______________________________________________


______________________________________________

______________________________________________

୧୧. ''ମାଆଙ୍କ ସହିତ ଆଉ ଦେଖା ହୋଇପାରିବ ନାହିଁ । ତାଙ୍କୁ ବୁଝାଇ କହିବ ତାଙ୍କ ପୁଅ ଜାତି ପାଇଁ ଜୀବନ ଦେଇଛି ।'' ଏ କଥା କିଏ କହିଛି ?

ଜାତିପାଇଁ ପ୍ରାଣ ଦେଇଥିବା ଆଉ କେତେ ଜଣ ପିଲାଙ୍କ ନାମ ଲେଖ ।

୧୨. ଅଧା ଗଢ଼ା ମନ୍ଦିରଟିକୁ ଆସ ପୂର୍ଣ୍ଣାଙ୍ଗ ମନ୍ଦିର କରିବା ।



# ଜାତୀୟ କବି ବୀରକିଶୋର







ଆମ ଏ ଦେଶର ଯଶ ବିଭବ
ଦେଖି ବିଦେଶୀଙ୍କ ବଢ଼ିଲା ଲୋଭ ।
ଦଖଲ କଲେ ସେ ସାରା ମୁଲକ
ଦେଖାଇ ଆମକୁ ଗୁଳି ବନ୍ଧୁକ ।
ବୋହିନେଲେ ଆମ ଦେଶରୁ ଧନ
ଚାବୁକ ପାହାରେ କଲେ ଶାସନ ।
ପାଟିକଲେ ହେଲା ବେତ ପାହାର
ଗୁଳିରେ ଫାଟିଲା ମଥା କାହାର ।
ଶହଶହ ସ୍ୱାଧୀନତା ସଇନ
ହସିହସି କଲେ କାରାବରଣ ।
ଗୋରା ବେପାରୀଏ ହେଲେ ପାଗଳା
ଚଳାଇଲେ ଦେଶେ ଦମନ ଲୀଳା ।

ବୀରକିଶୋର ଏ ଦେଶର କବି
ଆଖିରେ ଦେଖିଲେ କଷଣ ଛବି ।
ଗୋରା ଶାସକଙ୍କ ଦମନ ଲୀଳା
ମନକୁ ତାଙ୍କର ଅଥିର କଲା ।
ଲେଖିଗଲେ ଗୀତ ମାଳକୁ ମାଳ
ରହିଥିବ ତାହା କାଳକୁ କାଳ ।
ସେ ଗୀତେ ସଭିଏଁ ଉଠିଲେ ମାତି
ଗୁଳି ଆଗେ ଦେଲେ ପତାଇ ଛାତି !

ସାଜିଲେ ପିଲାଏ ବାନରସେନା
ବାହାରିଲେ ଧରି ତ୍ରିରଙ୍ଗା ବାନା ।
ଖାଇଲେ ଗୋଇଠା ବେତ ପାହାର
ଦେଖିଲେ ସହିବ ଛାତି କାହାର !
ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା'ଠାରୁ ବଳି ।
ଥରିଲା ଶେଷରେ ବିଦେଶୀ ଛାତି
ଆଉ ନ ରହିଲେ ଗୋଟିଏ ରାତି ।
ଛାଡ଼ି ପଳେଇଲେ ଭାରତ ଭୂଇଁ
ତେର ନଈ ସାତ ଦରିଆ ଡେଇଁ ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ବିଭବ | କଷଣ | ଦରିଆ | ଶକତି | ମାଡି |
| ବରଣ | ଦମନ | କାରା | ସଇନ | ଗୋରା ବେପାରୀ |
| ତ୍ରିରଙ୍ଗାବାନା | ବିଦେଶୀ | ବାନରସେନା | ଲୀଳା | କାଳକୁ କାଳ |
| ଛାତି ପତାଇବା | ସ୍ୱାଧୀନତା | ମୂଳକ | ଅଥିର | ଶାସକ |

### ଶିକ୍ଷକଙ୍କପାଇଁ ସୂଚନା

- ଭାରତର ମହାନତା ବିଷୟରେ ଧାରଣା ଦେବେ ।
- ଜାତୀୟତାବୋଧ କ'ଣ ବୁଝାଇବେ ।
- ବାନରସେନା କ'ଣ ସେ ବିଷୟରେ ଧାରଣା ଦେବେ ।
- ବୀରକିଶୋରଙ୍କ କେତୋଟି ଜାତୀୟତାବାଦୀ କବିତା ସଂଗ୍ରହ କରି ପିଲାମାନଙ୍କ ଆଗରେ ଗାଇବେ ।




୧. ଆସ ଉତ୍ତର କହିବା ।

(କ) ବିଦେଶୀମାନେ ଆମ ଦେଶରୁ କ'ଣ ବୋହିନେଲେ ?

(ଖ) ବିଦେଶୀମାନଙ୍କୁ ବାଧା ଦେଲେ ସେମାନେ କ'ଣ କରୁଥିଲେ ?

(ଗ) ସ୍ୱାଧୀନତା ସୈନିକମାନେ କ'ଣ କରୁଥିଲେ ?

(ଘ) ବୀରକିଶୋର କାହିଁକି କବିତା ଲେଖୁଥିଲେ ?

(ଙ) କେଉଁମାନେ ବାନରସେନା ସାଜିଥିଲେ ?

୨. କବିତାର ଯେଉଁ ପଦରେ ଏହାର ଉତ୍ତର ଅଛି ତାକୁ ଖୋଜିବା ଏବଂ ଆବୃତ୍ତି କରିବା ।

୧. କେଉଁ କଥାଟି ବୀରକିଶୋରଙ୍କ ମନକୁ ଅଥିର କଲା ?

୨. ବାନରସେନାମାନେ କିଭଳି ବାହାରିଲେ ?

୩. ଗୋରା ସରକାର ଶେଷରେ କଅଣ କଲେ ?

୩. ତଳ ପଦ୍ୟାଂଶକୁ ସଜାଡ଼ି ଲେଖ ।

ଥରିଲା ଛାତି ବିଦେଶୀ ଶେଷରେ ______________________

ରାତି ରହିଲେ ଗୋଟିଏ ନ ଆଉ । ______________________

୪. ଏହି ପଦଟିରୁ ତୁମେ ଯାହା ବୁଝୁଛ ନିଜ ଭାଷାରେ ଲେଖ ।

ଗୋରା ସରକାର ବନ୍ଧୁକ ଗୁଳି
କବିତା ଶକତି ତା' ଠାରୁ ବଳି ।

______________________


______________________

______________________

______________________

______________________

୫. କବିତାର ଯେଉଁ ପଦ ସହ ଏହି ଚିତ୍ରଟିର ସମ୍ପର୍କ ଅଛି, ସେହି ପଦଟି ଚିତ୍ର ତଳେ ଲେଖ ।



୬. ନିଜ ଅଞ୍ଚଳର ସ୍ୱାଧୀନତା ସଂଗ୍ରାମୀମାନଙ୍କର ତାଲିକା ପ୍ରସ୍ତୁତ କରି ଲେଖ ।

୭. ଗୋରା ସରକାରଙ୍କ ବିରୋଧରେ ଲୋକଙ୍କୁ ଏକଜୁଟ କରିବାପାଇଁ ଆଉ ଯେଉଁମାନେ କବିତା ଲେଖୁଥିଲେ, ସେମାନଙ୍କର ନାମ ଲେଖ ।

୮. ଆସରେ ଆସରେ ଭଉଣୀ ଭାଇ
ଶୋଷଣ କଷଣ ସହିବା ନାହିଁ।
ଗୋଳା ବାରୁଦକୁ ନ କରି ଭୟ
ଗାଇଯିବା ଦେଶ ମାଆର ଜୟ।
ଆସ ଏହି ଗୀତଟିକୁ ଗାଇଗାଇ କଦମ୍ ତାଲ ପକାଇବା ଏବଂ ଅଭିଯାନରେ ବାହାରିବାର ଅଭିନୟ କରିବା।

୯. ଯେପରି 'ଶକତ'ର ଗଦ୍ୟ ରୂପ ହେଉଛି 'ଶକ୍ତ', ସେହିପରି ତଳ ଶବ୍ଦଗୁଡ଼ିକର ଗଦ୍ୟ ରୂପ କ'ଣ ହେବ ଲେଖ ।

ରକତ – ________ ଭକତ – ________ ତପତ – ________

୧୦. ଯେପରି ଅର୍ଥଦୃଷ୍ଟିରୁ 'ଆସ୍ତେ' କୁ ଧୀରେ ସହିତ ସଂଯୋଗ କରାଯାଇଛି, ସେହିପରି ଅନ୍ୟ ଶବ୍ଦ ସହ ସେମାନଙ୍କର ଏକା ଅର୍ଥ ବୁଝାଉଥିବା ଶବ୍ଦକୁ ସଂଯୋଗ କର ।

ରାଜତ୍ୱ

ବିଭବ ଭୂଇଁ


ସମ୍ପତ୍ତି ମାଟି

ଶାସନ

ଆସ୍ତେ → ଧୀରେ

୧୧. ବୀରକିଶୋରଙ୍କୁ କାହିଁକି 'ଜାତୀୟ କବି' କୁହାଯାଇଛି ଆସ ଆଲୋଚନା କରିବା। ଆଲୋଚନାରେ ଯାହା ସ୍ଥିର ହେଲା ତାକୁ ଲେଖିବା।

# ଅନେକ ଫୁଲର ମାଳଟିଏ




ଥରେ ବାପାଙ୍କ ସଙ୍ଗେ ରମେଶ ଦିଲ୍ଲୀ ବାହାରିଥାଏ। ସାନ ଭଉଣୀ ମିଲି ଓ ମା' ମଧ୍ୟ ତାଙ୍କ ସଙ୍ଗେ ଯାଉଥାନ୍ତି। ସେମାନେ ପୁରୀରୁ ଉତ୍କଳ ଏକ୍ସପ୍ରେସ୍ ଗାଡ଼ିରେ ଚଢ଼ିଲେ। ରମେଶ ପଚାରିଲା, "ବାପା, ଆମେ କେତେବେଳେ ଦିଲ୍ଲୀରେ ପହଞ୍ଚିବା ?"

ବାପା କହିଲେ, "ଆମେ ପଅରିଦିନ ରାତିରେ ପହଞ୍ଚିବା, ଆମକୁ ପ୍ରାୟ ଦୁଇ ଦିନ ରେଳଗାଡ଼ିରେ ବସିବାକୁ ପଡ଼ିବ।"

ରମେଶ ରେଳଗାଡ଼ିର ଯେଉଁ ଡବାରେ ବସିଥାଏ, ସେଠାରେ କେତେ ଆଡ଼ର ଲୋକ ବସିଥାଆନ୍ତି। ପାଖରେ ବସିଥାଆନ୍ତି ଧୋତିପଞ୍ଜାବି ପିନ୍ଧା ଜଣେ ଭଦ୍ରଲୋକ ଓ ତାଙ୍କ ପରିବାର। ସେମାନଙ୍କ କଥା ରମେଶ ଓ ମିଲି ଭଲ ଭାବରେ ବୁଝି ପାରୁନଥା'ନ୍ତି।
ରମେଶ ପଚାରିଲା, ''ବାପା, ଏମାନେ କେଉଁ ଭାଷାରେ କଥାବାର୍ତ୍ତା ହେଉଛନ୍ତି ?''

ବାପା କହିଲେ, ''ସେମାନେ ବଙ୍ଗଳା ଭାଷାରେ କଥାବାର୍ତ୍ତା ହେଉଛନ୍ତି । ତୁ ଜାଣିଥିବୁ, ପଶ୍ଚିମବଙ୍ଗ ହେଉଛି ଆମ ଓଡ଼ିଶାର ଏକ ପଡ଼ୋଶୀ ରାଜ୍ୟ। ଏମାନେ ସେହି ରାଜ୍ୟର ଅଧିବାସୀ। ଆମ ଓଡ଼ିଶାର ଲୋକମାନଙ୍କ ସହିତ ଏମାନଙ୍କର ଚାଲିଚଳନ, ଖାଦ୍ୟପେୟ ଓ ପୋଷାକ ପରିଛଦର ଅନେକ ମେଳ ରହିଛି।''



ଗାଡ଼ି ଚାଲିଥାଏ। ସକାଳେ ନିଦରୁ ଉଠି ରମେଶ ଓ ମିଲି ଦେଖିଲେ, ଗାଡ଼ି ଭିତରେ ବହୁତ ନୂଆ ନୂଆ ଲୋକ । ସେମାନେ ହିନ୍ଦୀରେ କଥାବାର୍ତ୍ତା ହେଉଥା'ନ୍ତି। ସେମାନଙ୍କ ଭାଷା ବୁଝି ହେଉ ନ ଥାଏ। ଅଧିକାଂଶ ଧୋତି ଓ କୁରୁତା ପିନ୍ଧିଥା'ନ୍ତି। ମୁଣ୍ଡରେ ଗାନ୍ଧିଟୋପି । ଝରକା ବାଟେ ବାହାରକୁ ଚାହିଁଲାବେଳକୁ ଗଛଗୁଡ଼ାକ ଶୁଖିଲା ଶୁଖିଲା ଦିଶୁଥାଏ। ଭୂଇଁ ଟାଙ୍ଗରା ଜଣା ପଡୁଥାଏ। ବେଳେବେଳେ ଆଖିରେ ପଡୁଥାଏ ନୂଆଣିଆ ଖପର ଛାଉଣି ଘର।

ରମେଶ ପଚାରିଲା, ''ବାପା, ଆମ ଗାଡ଼ି ଏବେ କେଉଁ ରାଜ୍ୟ ଦେଇ ଯାଉଛି ?''

ବାପା କହିଲେ, ''ଆମେ ବର୍ତ୍ତମାନ ଝାଡ଼ଖଣ୍ଡ ରାଜ୍ୟ ଭିତର ଦେଇ ଯାଉଛୁ ।''

ଉପରବେଳା ଗାଡ଼ି ଯାଇ ବିଳାସପୁର ଷ୍ଟେସନରେ ଅଟକିଲା । ସେଠାରେ କିଛି ନୂଆ ଲୋକ ଗାଡ଼ିରେ ଚଢ଼ିଲେ । ବାପା କହିଲେ, ଜାଣିଲୁ ରମୁ, ଆମେ ବର୍ତ୍ତମାନ ଛତିଶଗଡ଼ ରାଜ୍ୟ ଭିତର ଦେଇ ଯାଉଛୁ । ଏ ଅଞ୍ଚଳର ଲୋକମାନଙ୍କର ଭାଷା ମଧ୍ୟ ହିନ୍ଦୀ । ଭାତ ସହିତ ରୁଟି ଖାଇବା ଏମାନଙ୍କର ଅଭ୍ୟାସ ।'' ତହିଁ ଆରଦିନ ପାହାଡ଼ିଆ ଅଞ୍ଚଳ ଦେଇ ଗାଡ଼ି ଚାଲିଥାଏ । ଏତିକିବେଳେ ମିଲି ପଚାରିଲା, "ବାପା, ବର୍ତ୍ତମାନ ଆମେ କେଉଁଠି ?"




ବାପା କହିଲେ, ''ଏଇତ, ଆଗକୁ ଧଉଲପୁର ଷ୍ଟେସନ ଆସୁଛି । ଆମେ ବର୍ତ୍ତମାନ ରାଜସ୍ଥାନ ରାଜ୍ୟର ସୀମା ଭିତରେ । ଏହା ପୂର୍ବରୁ ଆମେ ମଧ୍ୟପ୍ରଦେଶ ଭିତର ଦେଇ ଆସିଲେ । ତୁମେମାନେ ଶୋଇ ପଡ଼ିଥିଲ ।''

ରମେଶ କହିଲା, ''ହଁ ବାପା, ରାଜସ୍ଥାନ କଥା ତ ଆମ ପଢ଼ା ବହିରେ ଅଛି ।''

ବାପା କହିଲେ, ''ରାଜସ୍ଥାନ ଆମ ଭାରତର ଏକ ବୀରଭୂମି । ଏଠିକାର ରାଜପୁତମାନଙ୍କ ବୀରତ୍ୱ ହେଉଛି ଆମ ଭାରତର ଗୌରବ । ଏଠାରେ ତ ବହୁତ କମ୍ ବର୍ଷା ହୁଏ, ତଥାପି ଏମାନେ ପରିଶ୍ରମ କରି ଗହମ, ବାଜରା ଆଦି ଶସ୍ୟ ଫଳାନ୍ତି । ପୁରୁଷମାନଙ୍କ ମୁଣ୍ଡରେ ପଗଡ଼ି ସୁନ୍ଦର ମାନିଥାଏ ।"

ଏଠାକାର ଝିଅମାନଙ୍କର ନୂଆ ପ୍ରକାରର ପୋଷାକ ଦେଖି ମିଲି ବହୁତ ଖୁସି ହୋଇଗଲା । କିଛି ସମୟ ପରେ ଦୂରରୁ ତାଜମହଲ ଦେଖାଗଲା । ରମେଶ ଆନନ୍ଦରେ ଅଧୀର ହୋଇ ପଡୁଥାଏ । ବାପା କହିଲେ, ''ଏଇ ଦେଖ ଦୂରରୁ ତାଜମହଲ ଦେଖାଯାଉଛି । ତାଜମହଲ ଆଗ୍ରା ସହରରେ ଅବସ୍ଥିତ । ଆମେ ବର୍ତ୍ତମାନ ଉତ୍ତର-ପ୍ରଦେଶ ଦେଇ ଯାଉଛୁ । ଏଠାକାର ଲୋକମାନେ ମଧ୍ୟ ହିନ୍ଦୀ କହନ୍ତି । ରୁଟି ଏମାନଙ୍କର ପ୍ରଧାନ ଖାଦ୍ୟ ।'' ମିଲି କହିଲା, "ବାପା, ଅନେକ ରାଜ୍ୟର ଲୋକେ ତ ହିନ୍ଦୀ କହୁଛନ୍ତି ।"



ବାପା କହିଲେ, "ହଁ, ଆମ ଭାରତର ସବୁଠାରୁ ବେଶୀ ଲୋକ ହିନ୍ଦୀ ଭାଷାରେ କଥାବାର୍ତ୍ତା କରନ୍ତି । ସେଇଥିପାଇଁ ପରା ହିନ୍ଦୀ ଆମର ରାଷ୍ଟ୍ରଭାଷା ।''



ମା' କହିଲେ, ''ବୁଝିଲ ପିଲାଏ, ତୁମେ ତ ଏ ପର୍ଯ୍ୟନ୍ତ ଓଡ଼ିଶାକୁ ମିଶାଇ ସାତଟି ରାଜ୍ୟ ଦେଇ ଆସିଲ । କେତେ ନୂଆ ଜାଗା, ନୂଆ ଲୋକ ଦେଖିଲ ଏବଂ ନୂଆ ଭାଷା ମଧ୍ୟ ଶୁଣିଲ । କେବଳ ଏତିକି ଭାଷା ନୁହେଁ, ଭାରତରେ ଆହୁରି ଅନେକ ଭାଷାଭାଷୀ ଲୋକ ଅଛନ୍ତି ।''

ରମେଶ କହିଲା, "ଭାରତରେ ଆଉ କି କି ଭାଷା ଅଛି ? ଆମେ ତ କେବଳ ବଙ୍ଗଳା ଓ ହିନ୍ଦୀ ଭାଷାର ଲୋକଙ୍କୁ ଭେଟିଲୁ ।"

ମାଆ କହିଲେ, ''ଉତ୍ତର ଭାରତରେ ହିନ୍ଦୀ ଭାଷାରେ କଥା କହୁଥିବା ଲୋକଙ୍କ ସଂଖ୍ୟା ଅଧିକ । ପଞ୍ଜାବରଲୋକେ ପଞ୍ଜାବୀ ଭାଷାରେ ଏବଂ ଆସାମର ଲୋକେ ଅସମୀୟା ଭାଷାରେ କଥା କହନ୍ତି । ସେହିଭଳି ଦକ୍ଷିଣ ଭାରତରେ ଆନ୍ଧ୍ରପ୍ରଦେଶର ଲୋକେ ତେଲୁଗୁରେ, ତାମିଲନାଡୁର ଲୋକେ ତାମିଲରେ, କର୍ଣ୍ଣାଟକର ଲୋକେ କନ୍ନଡ଼ରେ, କେରଳର ଲୋକେ ମାଲୟାଲମରେ କଥାବାର୍ତ୍ତା କରୁଥିବାବେଳେ ଗୁଜୁରାଟର ଲୋକେ ଗୁଜୁରାଟୀ ଏବଂ ମହାରାଷ୍ଟ୍ରର ଲୋକେ ମରାଠୀ ଭାଷାରେ କଥା କହନ୍ତି । ଏହା ବାହାରେ ଭାରତରେ ଆହୁରି ଅନେକ ଭାଷା ପ୍ରଚଳିତ ଅଛି ।''

ରମେଶ ସବୁ ଶୁଣିସାରି କହିଲା, "ବାଃ ! ଆମ ଦେଶ ତ ଏକ ବିଚିତ୍ର ଦେଶ; ବିଭିନ୍ନ ରାଜ୍ୟରେ ବିଭିନ୍ନ ଭାଷା । ପୋଷାକପତ୍ର ମଧ୍ୟ ଭିନ୍ନଭିନ୍ନ । କିଏ ଭାତ ଖାଉଛି ତ କିଏ ରୁଟି ଖାଉଛି, କିଏ ମୁଣ୍ଡରେ ଟୋପି ପିନ୍ଧୁଛି ତ କିଏ ପଗଡ଼ି ବାନ୍ଧୁଛି ।" ବାପା କହିଲେ, "ଆମ ଭିତରେ ଭିନ୍ନତା ଅଛି ସତ; ମାତ୍ର ଆମ ସମସ୍ତଙ୍କ ମନ ଏକ, ଭାବନା ଏକ । ଆମେ ଗୋଟିଏ ମାଳରେ ଭିନ୍ନଭିନ୍ନ ପ୍ରକାରର ଅନେକ ଫୁଲ । ଆମେ ସମସ୍ତେ ଭାରତୀୟ, ଭାରତ ମାତାର ସନ୍ତାନ ଆମେ । ସେଥିପାଇଁ ପରା ବହୁ ଦିନ ତଳେ ଜଣେ କବି ହିନ୍ଦୀ ଭାଷାରେ ଗୋଟିଏ କବିତା ଲେଖିଥିଲେ; ଯାହାର ପ୍ରଥମ ଧାଡ଼ିଟି ହେଉଛି 'ସାରେ ଜାହାଁସେ ଆଛା, ହିନ୍ଦୁସ୍ତାଁ ହମାରା' ଏହାର ଅର୍ଥ ହେଉଛି, ସାରା ଜଗତରେ ଆମ ଭାରତ ହେଉଛି ସବୁଠାରୁ ଭଲ ।''

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | | | |
|---|---|---|---|---|---|---|
| ଅଧୀର | ଟାଙ୍ଗରା | ବୀରଭୂମି | ପାହାଡ଼ିଆ | ସୀମା | ମେଳ | ଖାଦ୍ୟପେୟ |
| ନୂଆଣିଆ | ଭିନ୍ନତା | ରାଷ୍ଟ୍ରଭାଷା | ପ୍ରଚଳିତ | ଗୌରବ | ପରିଚ୍ଛଦ | ପଅରିଦିନ |

### ଶିକ୍ଷକଙ୍କ ପାଇଁ ସୂଚନା :

- ଅନେକତା ଭିତରେ ଏକତା ଆମ ଭାରତର ବୈଶିଷ୍ଟ୍ୟ, ଏ କଥା ବୁଝାଇବେ ।
- ମାନଚିତ୍ର ଦେଖାଇ ପାଠଟି ପଢ଼ାଇବେ ।
- ହିନ୍ଦୀ ଭାରତର ରାଷ୍ଟ୍ରଭାଷା କାହିଁକି ହୋଇଛି ତା'ର ଧାରଣା ଦେବେ ।






୧. ଆସ କଥା ହେବା ।

(କ) ଭାରତର ରାଜଧାନୀର ନାମ କ'ଣ ?

(ଖ) ତୁମେ ଦିଲ୍ଲୀ ଦେଖିଛ କି ?

(ଗ) ରମେଶ ବାପାଙ୍କ ସାଙ୍ଗରେ କେଉଁଠାକୁ ଯାଇଥିଲା ?

(ଘ) କେଉଁ କେଉଁ ରାଜ୍ୟର ଲୋକମାନେ ହିନ୍ଦୀ କହନ୍ତି ?

୨. ପାଖରେ ଅଙ୍କନ କରାଯାଇଥିବା ଭାରତ ମାନଚିତ୍ରରେ ଉତ୍କଳ ଏକ୍ସପ୍ରେସ ରେଳଗାଡ଼ି କ୍ରମ ଅନୁସାରେ ଯେଉଁ ଯେଉଁ ରାଜ୍ୟ ଦେଇ ଗତି କରୁଛି ଗାର ଟାଣି ଦେଖାଅ ।

୩. ଆସ, ତଳେ ଦିଆଯାଇଥିବା ପ୍ରଶ୍ନଗୁଡ଼ିକୁ ଏକାଠି ମିଶି ଆଲୋଚନା କରି ଲେଖିବା ।

(କ) ରାଜସ୍ଥାନର କେଉଁ କେଉଁ କଥା ଆମକୁ ନୂଆ ଲାଗେ ?

________________

(ଖ) ଭାରତ ଏକ ବିଚିତ୍ର ଦେଶ ବୋଲି କାହିଁକି କୁହାଯାଏ ?

________________

(ଗ) ହିନ୍ଦୀ ଭାଷାକୁ କାହିଁକି ଭାରତର ରାଷ୍ଟ୍ରଭାଷା କରାଯାଇଛି ?

________________

୪. ଯେପରି ଓଡ଼ିଶାର ଭାଷା ଓଡ଼ିଆ ସେହିପରି ତଳେ ଲେଖ ।

| ରାଜ୍ୟ | ଭାଷା | ରାଜ୍ୟ | ଭାଷା |
|---|---|---|---|
| ପଶ୍ଚିମବଙ୍ଗ | ________ | ଆନ୍ଧ୍ରପ୍ରଦେଶ | ________ |
| ଝାଡ଼ଖଣ୍ଡ | ________ | ତାମିଲନାଡୁ | ________ |
| କେରଳ | ________ | ଆସାମ | ________ |
| ଗୁଜୁରାଟ | ________ | ମହାରାଷ୍ଟ୍ର | ________ |

୫. ଉପର ପ୍ରଶ୍ନରେ ଦିଆଯାଇଥିବା ରାଜ୍ୟଗୁଡ଼ିକ ବ୍ୟତୀତ ଭାରତର ଅନ୍ୟ ରାଜ୍ୟମାନଙ୍କରେ ବ୍ୟବହାର ହେଉଥିବା ଭାଷାର ଏକ ତାଲିକା କର ।

________________________________________

________________________________________

୬. ''ଆମେ ଗୋଟିଏ ମାଳରେ ଭିନ୍ନଭିନ୍ନ ପ୍ରକାରର ଅନେକ ଫୁଲ'' ଏହାକୁ ପାଞ୍ଚୋଟି ବାକ୍ୟରେ ବୁଝାଇ ଲେଖ ।

________________________________________

________________________________________

________________________________________

________________________________________

________________________________________

୭. ଆସ ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ିବା ।

ଗୌରବ, ବୀରତ୍ୱ, ସୀମା, ଟାଙ୍ଗରା, କ୍ଷେତବାଡ଼ି, ଧୂଆଁଳିଆ, ନୁଆଣିଆ ।

୮. ନିମ୍ନରେ ଭାରତର କେତେଗୁଡ଼ିଏ ରାଜ୍ୟର ନାମ ଏବଂ ସେହି ରାଜ୍ୟର ଲୋକମାନଙ୍କର ଖାଦ୍ୟ ଓ ପୋଷାକର ନାମ ଦିଆଗଲା । ରାଜ୍ୟ ସହିତ ସମ୍ପର୍କ ଥିବା ଖାଦ୍ୟ ଓ ପୋଷାକକୁ ଗାର ଟାଣି ଯୋଡ଼ ।

| | | |
|---|---|---|
| ରୁଟି | ପଶ୍ଚିମ ବଙ୍ଗ | ପଗଡି |
| ଭାତ | ଉତ୍ତର ପ୍ରଦେଶ | ଧୋତି |
| ମାଛ | ରାଜସ୍ଥାନ | କୁରୁତା |
| | ଓଡ଼ିଶା | ପାଇଜାମା |
| | ଝାଡ଼ଖଣ୍ଡ | |

## ତୁମ ପାଇଁ କାମ

୧. ତୁମ ଗାଁ'ରୁ ସବ୍‌ଡିଭିଜନ୍ ସଦର ମହକୁମାକୁ ବସ୍‌ରେ କେଉଁ କେଉଁ ସ୍ଥାନ ଦେଇ ଯିବ ଲେଖ ।

# ବଣ ଅଦାଲତ


ଉଷାକୋଠି ଜଙ୍ଗଲ ଭିତରେ ଆଜି ବହୁତ କୋଳାହଳ । ବିଭିନ୍ନ ସ୍ଥାନରୁ ପଶୁପକ୍ଷୀମାନେ ଦଳଦଳ ହୋଇ ଆସି ଜମା ହୋଇଛନ୍ତି । ଗୋଟିଏ ଉଚ୍ଚ ପଥର ଚଟାଣ ଉପରେ ବସିଛନ୍ତି ମହାବଳ ବ୍ୟାଘ୍ର ମହାରାଜ । ମହାରାଜଙ୍କ ଡାହାଣ ପଟରେ ବସିଛନ୍ତି ମହାମନ୍ତ୍ରୀ ଭଲ୍ଲୁକ । ବାମ ପଟେ ପ୍ରଧାନ ସେନାପତି ଚିତାବାଘ । ତାଙ୍କ ପାଖକୁ ବସିଛନ୍ତି ହାତୀ, ଗଧିଆ, ବିଲୁଆ, ହରିଣ, ଗୟଳ, ହନୁମାଙ୍କଡ଼ ଓ ପାତିମାଙ୍କଡ଼ । ପକ୍ଷୀମାନଙ୍କ ମଧ୍ୟରେ ଅଛନ୍ତି କାଉ, ବଗ, ସାରସ, କଜଳପାତି, ଶାଗୁଣା, ଚିଲ, ପାରା, କୋଇଲି ଓ ମୟୂର । ଅଜଗର, ଅହିରାଜ, ଗୋଧି, ଗୋଖର ଆଦି ସରୀସୃପ ମଧ୍ୟ ଉପସ୍ଥିତ । ଗୋଟିଏ ବୃକ୍ଷରେ ଅହିରାଜ ବାନ୍ଧିରଖିଥାଏ ଦୁଇଟି ମଣିଷ । ସେମାନଙ୍କ ବିଚାର ପାଇଁ ବସିଛି ଆଜି ବଣ ଅଦାଲତ ।



ସମସ୍ତେ ଆସି ଉପସ୍ଥିତ ହେବା ପରେ ମହାରାଜ ବ୍ୟାଘ୍ର ତାଙ୍କ ଟାଣୁଆ ନିଶକୁ ଚମକାଇ ହେଣ୍ଟାଳଟିଏ ଛାଡ଼ିଲେ । ଏକା ଥରକେ ସଭାସ୍ଥଳଟି ଥମ୍‌କରି ନୀରବ ହୋଇଗଲା । ହନୁମାଙ୍କଡ଼ ଆଡ଼କୁ ଚାହିଁ ମହାରାଜ କହିଲେ, ''ହନୁମାନ, କେଉଁଥି ପାଇଁ ଆଜି ଏ ସଭାର ଆୟୋଜନ ? ବଣରେ କିଛି ବିପତ୍ତି ପଡ଼ିଲା କି ?'' ହନୁମାଙ୍କଡ଼ ସଭା ମଝିକୁ ଯାଇ ମହାରାଜଙ୍କୁ ପ୍ରଣାମ ଜଣାଇଲା । ତା' ପରେ ଦୁଇ ଗୋଡ଼ରେ ଠିଆ ହୋଇ କହିଲା, ''ମହାରାଜ, ଆମେ ହେଲୁ ବଣର ଜୀବ । ମଣିଷ ଗାଁ'ଗଣ୍ଡା, ସହରନଗରରେ ରହୁଛି । ବେଳେବେଳେ ଆମ ବଣ ଭିତରକୁ ପଶି ଆସି ଜୀବଜନ୍ତୁଙ୍କୁ ମାରି ପକାଉଛି । ଗଛ କାଟି ଜଙ୍ଗଲ ସଫାକରି ଦେଉଛି । ଏହି ଦୁଇଜଣ ମଣିଷ ହରିଣ ଶିକାରପାଇଁ ଆସି ଗଛ ତଳେ ଛକି ଠିଆ ହୋଇଥିଲେ । ସେମାନଙ୍କ ହାତରେ ଥିଲା ବନ୍ଧୁକ । କୌଶଳକରି ଅହିରାଜ

ଏ ଦୁହିଙ୍କୁ ନେଇ ଗଛ ଡାଳରେ ବାନ୍ଧି ରଖିଛି । ମଣିଷ ହାତରୁ ଖସି ପଡ଼ିଥିବା ଏହି ବନ୍ଧୁକ ହେଉଛି ତା'ର ପ୍ରମାଣ ।'' ଏହା କହି ବନ୍ଧୁକକୁ ଉପର ମୁହାଁ କରି ଟ୍ରିଗାରକୁ ଚିପିଦେଲା ମାଙ୍କଡ଼ । ଟ୍ରିଗାର ଚିପିବା ମାତ୍ରେ ଢୋ' କରି ଫୁଟିଲା ଗୁଳି । ନୀରବ ଥିବା ସଭାସ୍ଥଳଟି ଏକାଥରକେ କେଁକାଁ, ଚେଁଚାଁ, ହାଉଁହାଉଁ, କିଚିରି ମିଚିରି ଶବ୍ଦରେ କମ୍ପିଉଠିଲା । ସଭାକୁ ଶାନ୍ତ କରିବାପାଇଁ ଗର୍ଜି ଉଠିଲେ ସେନାପତି ଚିତାବାଘ ।





ସଭାସ୍ଥଳ ପୂର୍ବପରି ନୀରବ ହୋଇଗଲା । ''ତା' ପରେ କ'ଣ ହେଲା ?'', ପଚାରିଲେ ବ୍ୟାଘ୍ର ମହାରାଜ । ହନୁମାଙ୍କଡ଼ କହିଲା, ''ମହାରାଜ, ଯଦି ମଣିଷ ବଣର ଜୀବଜନ୍ତୁଙ୍କୁ ଏପରି ଶିକାର କରିଚାଲିବ, ବଣ ଜଙ୍ଗଲ ନଷ୍ଟ କରି ଚାଲିବ, ତେବେ ଦିନେ ପୃଥିବୀରୁ ଜୀବଜନ୍ତୁ ଲୋପ ପାଇଯିବେ ନାହିଁ କି ?'' ହନୁମାଙ୍କଡ଼ର କଥା ନ ସରୁଣୁ ହସ୍ତୀରାଜ ତା'ର ଶୁଣ୍ଢ ଉପରକୁ ଟେକି କହିଲା, ''ସତ କଥା ମହାରାଜ । ଶିକାର ପାଇଁ ମଣିଷର ଲୋଭ ଯୋଗୁଁ ମୋ' ପରି ବଳୁଆ ପ୍ରାଣୀ ମଧ୍ୟ ଭୟଭୀତ । ଆଉ କେତେବର୍ଷ ପରେ ଆମ ବଂଶ ଲୋପ ପାଇ ଯାଇପାରେ । ରାତି ଅଧରେ ମଣିଷ ଆସି ଗୋଟାଗୋଟା ହାତୀ ମାରି ପକାଉଛି । ସେମାନଙ୍କର ମୂଲ୍ୟବାନ ଦାନ୍ତ କାଟିନେଇ ପଳାଉଛି । ଏହି ମଣିଷକୁ ଉଚିତ୍ ଶାସ୍ତି ମିଳିବା ଦରକାର ।''



ହାତୀ କହିସାରିବା ପରେ ଡାମରାକାଉ କା..କା.. କରି କହିଲା, ''ହଁ ହଁ, ମଣିଷ ବଡ଼ ନିର୍ଦ୍ଦୟ । ମୁଁ ଭିତରକନିକା ଓ

ଟିକରପଡ଼ା ଜଙ୍ଗଲ ବୁଲି ଆସିଛି । ସେଠାରେ କୁମ୍ଭୀରମାନଙ୍କ ଅଭୟାରଣ୍ୟ ଅଛି । ହେଲେ ସେଠାରେ କେହି ନିରାପଦ ନାହାନ୍ତି ।



ମଣିଷ ବଣଭୋଜି କରିବାପାଇଁ ଆସି ଜୀବଜନ୍ତୁକୁ ମାରି ମାଂସର ସ୍ୱାଦ ଚାଖୁଛି । ମୂଲ୍ୟବାନ ହାଡ଼, ଚମଡ଼ା ଧରି ଚାଲି ଯାଉଛି ।''

କୃ-କୃ କରି ସାରସ ପକ୍ଷୀଟି ତା'ର ଲମ୍ବ ଅଣ୍ଟ ହଲାଇ କହିଲା, ''ଠିକ୍ ଠିକ୍ । ଆମ ପକ୍ଷୀମାନଙ୍କ ଉପରେ କ'ଣ କମ୍ ବିପଦ ! ମଣିଷ ତା'ର ଜିଭର ଲାଳସା ମେଣ୍ଟାଇବାପାଇଁ ଅସଂଖ୍ୟ ପକ୍ଷୀ ଶିକାର କରିଚାଲିଛି । କେତେକ ପକ୍ଷୀ ଆଉ ଆମ ଜଗତରେ ଦେଖିବାକୁ ମିଳୁ ନାହାଁନ୍ତି । ଚିଲିକାପରି ପକ୍ଷୀମାନଙ୍କ ଅଭୟାରଣ୍ୟ ଆଜି ବିପଦପୂର୍ଣ୍ଣ ।''

ସାରସ ପକ୍ଷୀର କଥାକୁ ସମର୍ଥନକରି ଠେକୁଆ କହିଲା, ''ଖାଲି ଚିଲିକା ନୁହେଁ, ଆଜିକାଲି ଭିତରକନିକାରେ କଇଁଛ, ଶିମିଳିପାଳରେ ବାଘ, ଚନ୍ଦକାରେ ହାତୀ, ଟିକରପଡ଼ାରେ କୁମ୍ଭୀର ଆଉ ଉଷାକୋଠିରେ ହରିଣ ମଧ୍ୟ ବିପଦରେ ପଡ଼ିଲେଣି ।ଏହାର ପ୍ରତିକାର ଦରକାର ।''



ହୁକେ ହୋ, ହୁକେ ହୋ ଶବ୍ଦ କରି ବିଲୁଆ କହିଲା, '' ମୋ' କଥା ଟିକିଏ ଶୁଣ । ସୁସ୍ୱାଦୁ ମାଂସ, କୋମଳ ଚମଡ଼ା କି ସୁନ୍ଦର ପର ପାଇଁ ମଣିଷ ତୁମମାନଙ୍କୁ ଶିକାର କରୁଥାଇପାରେ; କିନ୍ତୁ ମୁଁ ଏକ ନିରୀହ ପଶୁ ।

ମଲା ଜୀବଜନ୍ତୁର ମାଂସ ଖାଇ ମୋର ପେଟ ପୂରାଏ। ମଣିଷର ପରିବେଶକୁ ସୁସ୍ଥ ରଖେ। ମୁଁ ନ ରହିଲେ ଚାରିପାଖ ଦୁର୍ଗନ୍ଧରେ ଫାଟି ପଡ଼ନ୍ତା, ଅଥଚ ମୁଁ ମଧ୍ୟ ଏବେ ନିରାପଦ ନୁହେଁ। ପରିବେଶ କ୍ଷୟ ଯୋଗୁଁ ମୋ' ବଂଶ ମଧ୍ୟ କମିଯାଉଛି।'' ବିଲୁଆ କଥାରେ ଗଧିଆ ମଧ୍ୟ ମୁଣ୍ଡ ହଲାଇଲା । ଗଛ ଉପରେ ଥିବା ଶାଗୁଣା, ଚିଲ ଓ କାଉ ଏକାଥରକେ ପାଟିକରି ଠିକ୍‌ଠିକ୍ ବୋଲି କଥାଟାକୁ ସ୍ୱୀକାର କଲେ ।



ଏତିକିବେଳେ ହଠାତ୍ ଗୋଟିଏ ଦିଗରୁ ସାଇଁ ସାଇଁ ଶବ୍ଦ ହେଲା । ସେଇ ଆଡ଼କୁ ସମସ୍ତେ ଚାହିଁଲେ। ଶାଳଗଛଟି ଦୀର୍ଘ ନିଃଶ୍ୱାସ ଛାଡ଼ି କହିଲା, ''ମୋ' କଥା ଏବେ ଶୁଣ। ମୋର ଭାଇବନ୍ଧୁଙ୍କୁ ନେଇ ବଣ ଜଙ୍ଗଲ। ବଣ ଭୂଇଁ ହେଉଛି ଜୀବଜନ୍ତୁଙ୍କ ଆବାସସ୍ଥଳ। ମଣିଷ ଏବେ ତା'ର ଘରଦ୍ୱାର ଓ ଆସବାବପତ୍ରପାଇଁ ଅବାଧରେ ଗଛ କାଟି ଜଙ୍ଗଲ ସଫା କରିଚାଲିଛି। ଅନ୍ୟର ଘର ଉଜାଡ଼ି ନିଜ ଘର ସଜାଡୁଛି। ହେଲେ ଏହାଦ୍ୱାରା ସେ ତା'ର ଧ୍ୱଂସକୁ ଆମନ୍ତ୍ରଣ କରିବା କଥା ବୁଝିପାରୁନାହିଁ। ତୁମ୍ଭେମାନେ ଦେଖିଥିବ, ଝଡ଼ ବତାସରେ ମୋ' ଜାତି ଭାଇମାନେ ମୁଣ୍ଡଟେକି ଠିଆହୋଇ ମଣିଷର ଘରକୁ ରକ୍ଷା କରନ୍ତି । ଚେରଦ୍ୱାରା ବର୍ଷାବେଳେ ମାଟିକୁ ଧରି ରଖନ୍ତି । ବିଷାକ୍ତ ଧୂଆଁ ପାନକରି ଅମ୍ଳଜାନ ବାଷ୍ପ ଯୋଗାଇ ଦିଅନ୍ତି । ଆମରି ଯୋଗୁଁ ମଣିଷ ନିଜପାଇଁ ଖାଦ୍ୟ, ବସ୍ତ୍ର ଓ ଔଷଧପତ୍ର ପାଇବାକୁ ସମର୍ଥ ହୁଏ। ଗଛଲତାଙ୍କ ସଂଖ୍ୟା ଅଧିକ ଥିଲେ ପ୍ରଚୁର ବର୍ଷା ହେବା ସମ୍ଭବ ହୁଏ। ହେଲେ ମଣିଷ ଏସବୁ ନ ବୁଝି ମୋ'ଜାତି ଉପରେ କୁଠାରାଘାତ କରୁଛି। ଏହା ତାହାର ଅନ୍ୟାୟ ଆଚରଣ ନୁହେଁ କି ?''

ଶାଳଗଛର କଥା ନ ସରୁଣୁ ମୟୂର ତା'ର ବିଚିତ୍ର ପୁଚ୍ଛ ବିସ୍ତାର କରି, ଗ୍ରୀବା ଫୁଲାଇ, ଚୂଳ ହଲାଇ

କହିଲା, ''ହଁ ହଁ, ମଣିଷ ଦିନକୁ ଦିନ ବଡ଼ ସ୍ୱାର୍ଥପର ଓ ଅବିବେକୀ ହୋଇଯାଉଛି। ବିଚାରହୀନ ଭାବରେ ବଣଜଙ୍ଗଲ ନଷ୍ଟ କରୁଛି। ଜୀବଜନ୍ତୁ ମାରି ପକାଉଛି। ମଣିଷକୁ କଠୋର ଶାସ୍ତି ମିଳିବା ଦରକାର।''



ମଣିଷ ବିରୋଧରେ ପଶୁପକ୍ଷୀ, ଗଛଲତାଙ୍କ ଅଭିଯୋଗ ଶୁଣିଲାପରେ ବ୍ୟାଘ୍ର ମହାରାଜ ଗର୍ଜନ କରି କହିଲେ, ''ରେ ରେ ନିର୍ବୋଧ ମଣିଷ ! ଏ ପୃଥିବୀ ସମସ୍ତଙ୍କର ବାସଭୂଇଁ। ଏଠାରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି। ମଣିଷ ସହିତ ପଶୁପକ୍ଷୀ, ଗଛଲତାର ସ୍ଥାନ ପୃଥିବୀ ପୃଷ୍ଠରେ ରହିବା ଆବଶ୍ୟକ। ଜୀବଜନ୍ତୁ, ଗଛଲତା ନ ରହିଲେ ଏ ବସୁଧାରେ ମଣିଷ ମଧ୍ୟ ବଞ୍ଚିରହିପାରିବ ନାହିଁ । ତେଣୁ ମଣିଷ ନିଜେ ବଞ୍ଚିରହିବାସହିତ ଅନ୍ୟମାନଙ୍କୁ ବଞ୍ଚାଇ ରଖିବା ପାଇଁ ଯତ୍ନବାନ ହେଉ।'' ଏହାପରେ ମନ୍ତ୍ରୀ ଭଲ୍ଲୁକ ଆଡ଼କୁ ଅନାଇ କହିଲେ, ''ମନ୍ତ୍ରୀ ମହାଶୟ, ଏବେ ଏହି ଦୁଇ ମଣିଷଙ୍କୁ କି ଦଣ୍ଡ ଦିଆଯିବ ପ୍ରକାଶ କରନ୍ତୁ।''





ମହାମନ୍ତ୍ରୀ ଭଲ୍ଲୁକ ମୁଣ୍ଡ ହଲାଇ କହିଲେ, ''ଅହିରାଜ ବାନ୍ଧି ରଖିଥିବା ମଣିଷ ଦୁଇଟିଙ୍କୁ ଆଜି ଛାଡ଼ି ଦିଆଯାଉ । ସେମାନେ ଆମ କଥାସବୁ ଶୁଣି ସାରିଛନ୍ତି। ତେଣୁ ସେମାନେ ଫେରିଯାଇ ଲୋକମାନଙ୍କୁ ଏ ବିଷୟରେ ଭଲଭାବରେ ବୁଝାନ୍ତୁ। ବଣ ଜଙ୍ଗଲ ପଦାକରି ଓ ଜୀବଜନ୍ତୁଙ୍କୁ ହତ୍ୟାକରି ସେମାନେ ନିଜର ଯେଉଁ କ୍ଷତି କରୁଛନ୍ତି, ସେ ବିଷୟରେ ସଚେତନ ହୁଅନ୍ତୁ। ତା ନ ହେଲେ ଭବିଷ୍ୟତରେ ସେମାନେ ଘୋର ବିପତ୍ତିର ସମ୍ମୁଖୀନ ହେବେ।''

ଏକାଠି ହୋଇଥିବା ଜନ୍ତୁମାନେ ଏକଥାକୁ ସମର୍ଥନ କଲେ । ସେମାନଙ୍କ ଶବ୍ଦରେ ବନଭୂଇଁ କମ୍ପି ଉଠିଲା । ଲୋକଦୁଇଟିଙ୍କୁ ଖଲାସ କରି ଦିଆଗଲା। ଅଦାଲତ ଶେଷକରି ସମସ୍ତେ ନିଜନିଜ ସ୍ଥାନକୁ ଫେରିଗଲେ।



## ଆସ ଜାଣିବା କେତୋଟି ନୂଆ ଶବ୍ଦ

ଟ୍ରିଗାର, ଗ୍ରୀବା, ଅଦାଲତ, ସରୀସୃପ, ଅବାଧ, ସ୍ୱାର୍ଥପର, ଆବାସସ୍ଥଳ, ବିପତ୍ତି, ନିର୍ଦ୍ଦୟ, ଉଜାଡ଼ିବା, ଅବିବେକୀ, ଆସବାବପତ୍ର, କୁଠାରାଘାତ, ବସୁଧା, ସମ୍ମୁଖୀନ, ଅଭୟାରଣ୍ୟ, ପଦାକରିବା, ଖଲାସ, ନିର୍ବୋଧ, ସେନାପତି, ସମର୍ଥନ, ଘୋର, ସଚେତନ, ଶାସ୍ତି

### ଶିକ୍ଷକଙ୍କପାଇଁ ସୂଚନା

- ପରିବେଶ ସୁରକ୍ଷା ସମ୍ବନ୍ଧରେ ପିଲାଙ୍କୁ ସଚେତନ କରାଇବେ।
- ଅଭୟାରଣ୍ୟ କାହାକୁ କୁହାଯାଏ ଓ କେଉଁ ଜିଲ୍ଲାରେ ଅଛି, ମାନଚିତ୍ରରେ ଦେଖାଇ ସେ ସମ୍ବନ୍ଧରେ ପିଲାଙ୍କୁ ଧାରଣା ଦେବେ ।
- ପିଲାମାନଙ୍କ ମନରେ ପ୍ରାଣୀମାନଙ୍କ ପ୍ରତି ଦୟା ଓ ପ୍ରେମଭାବ ଜାଗ୍ରତ କରାଇବେ।
- ବାଘ ଆମର ଜାତୀୟ ପଶୁ ଓ ମୟୂର ଆମର ଜାତୀୟ ପକ୍ଷୀ, ଏହାର ଧାରଣା ଦେବେ।
- ଗଛଲତାଙ୍କର ଉପକାରିତା ସଂପର୍କରେ କହିବେ।

# ଅଭ୍ୟାସ

୧. ଆସ ଆମେ କଥାବାର୍ତ୍ତା ହେବା ।

(କ) ବଣର ରାଜା କିଏ ଥିଲା ?

(ଖ) କାହାର ବିଚାରପାଇଁ ଅଦାଲତ ବସିଥିଲା ?

(ଗ) କାହାକୁ ଭାରତର ଜାତୀୟ ପଶୁ କୁହାଯାଏ ?

(ଘ) ମଣିଷ କାହିଁକି ପଶୁପକ୍ଷୀଙ୍କୁ ମାରିଥାଏ ?

(ଙ) ଅମ୍ଳଜାନବାଷ୍ପ ଆମର କି କାମରେ ଲାଗେ ?

(ଚ) ଅମ୍ଳଜାନବାଷ୍ପ ଆମେ କାହା ପାଖରୁ ପାଉ ?

୨. ଆସ ତଳ ଚିତ୍ରରୁ ପଶୁ ପକ୍ଷୀଙ୍କୁ ଚିହ୍ନଟ କରି ସେମାନଙ୍କ ନାମ ଲେଖିବା ।



୩. କିଏ କେଉଁ ଘରେ ରହିବେ ଲେଖିବା ।

ବାଘ, କାଉ, ବଗ, ଗୋଧି, ହାତୀ, ମୟୂର, ଅହିରାଜ, ଗଧିଆ, ହରିଣ, ଗୋଖର, କଜଳପାତି, ବିଲୁଆ, ଗୟଳ, କୁମ୍ଭୀର, ଶାଗୁଣା , ଚିଲ, ହନୁମାଙ୍କଡ଼, ଏଣ୍ଡୁଅ, ପାରା, ଭଲ୍ଲୁକ, ଶୁଆ







ଯେପରି ପଶୁ ସରୀସୃପ ପକ୍ଷୀ

| ପଶୁ | ସରୀସୃପ | ପକ୍ଷୀ |
|---|---|---|
| ______ | ______ | ______ |
| ______ | ______ | ______ |
| ______ | ______ | ______ |
| ______ | ______ | ______ |
| ______ | ______ | ______ |
| ______ | ______ | ______ |

୪. ଦେଖିବା ଆସ, କାହାକୁ କାହା ସହିତ ଯୋଡ଼ିଲେ ଠିକ ହେବ ।

| | ଜୀବଜନ୍ତୁ | ଅଭୟାରଣ୍ୟ |
|---|---|---|
| ଯେପରି (କ) | ବାଘ | ଚିଲିକା |
| (ଖ) | କୁମ୍ଭୀର | ଉଷାକୋଠି |
| (ଗ) | ପକ୍ଷୀ | ଭିତରକନିକା |
| (ଘ) | ହାତୀ | ଶିମିଳିପାଳ |
| (ଙ) | ହରିଣ | ଚନ୍ଦକା |
| (ଚ) | କଇଁଛ | ଟିକରପଡ଼ା |

୫. ଆସ ତଳେ ଦିଆଯାଇଥିବା ଶବ୍ଦଯୋଡ଼ା ପରି କେତୋଟି ନୂଆ ଶବ୍ଦଯୋଡ଼ା ଲେଖିବା ।

ଯେପରି – ଜୀବଜନ୍ତୁ, ଗାଁଗଣ୍ଡା

______________________________

______________________________

୬. ଏକା ଅର୍ଥ ଥିବା ଶବ୍ଦଗୁଡ଼ିକୁ ଏକାଠି କରି କୋଠରି ଭିତରେ ଲେଖିବା ।

କାକ, ମାନବ, ଧରା, ହସ୍ତୀ

ମନୁଷ୍ୟ, କରୀ, କୁଆ, ବସୁଧା

| | | | |
|---|---|---|---|
| ____ = ____ | | ____ = ____ | |
| ____ = ____ | | ____ = ____ | |

୭. ଆସ ତଳେ ଦିଆଯାଇଥିବା ଶବ୍ଦକୁ ନେଇ ଗୋଟିଏ ଲେଖାଁଏ ବାକ୍ୟ ଗଢ଼ିବା ।

ସ୍ୱାର୍ଥପର ______________________________

ଅଦାଲତ ______________________________

ବିପତ୍ତି, ______________________________

ଯତ୍ନବାନ______________________________

ଧ୍ୱଂସ ______________________________

ବ୍ୟାଟେରୀ ______________________________

ନିର୍ବୋଧ ______________________________

ସମର୍ଥନ ______________________________

ଗ୍ରୀବା ______________________________

୮. ଆସ ଦେଖିବା, ବୁଝିବା ଓ ଲେଖିବା ।

(କ) 'ଭୟ' ଶବ୍ଦର ପୂର୍ବରୁ 'ଅ' ଯୋଗ କଲେ 'ଅଭୟ' ଶବ୍ଦ ହୁଏ ଓ ଭୟର ବିପରୀତ ଅର୍ଥ ପ୍ରକାଶ କରେ ।

ତଳ ଶବ୍ଦ ଗୁଡ଼ିକରେ ସେପରି କଲେ କ'ଣ ହେବ ଲେଖିବା ।

ସୁନ୍ଦର __________ ସମୟ __________ ସାଧୁ __________

ସୁସ୍ଥ __________ ସୁବିଧା __________ ଦରକାରୀ __________

(ଖ) ବିପରୀତ ଅର୍ଥ ବୁଝାଉଥିବା ଶବ୍ଦଟିଏ ଲେଖ।

ଯେପରି ଧନୀ- ନିର୍ଦ୍ଧନ

ଲୋଭୀ__________, ଜୀବ__________, ଦୋଷୀ__________

୯. ଆସ ବୁଝିବା ଓ ଲେଖିବା ।

(କ) ସାରସ ପକ୍ଷୀର କଥାକୁ ସମର୍ଥନ କରି ଠେକୁଆ କଣ କହିଲା ?

______________________________

______________________________

(ଖ) ଶାଳ ଗଛର କଥା ଶୁଣି ମୟୂର କ'ଣ କହିଲା ?

______________________________

______________________________

୧୦. ଆସ ଆମେ ବିଭିନ୍ନ ଜୀବର ଭୂମିକା ନେଇ ''ବଣ ଅଦାଲତ'' ପାଠକୁ ଅଭିନୟ କରିବା ।

୧୧. ତୁମ ବାଡ଼ିରେ ଥିବା ଯେ କୌଣସି ଗୋଟିଏ ଗଛ ତୁମର କି ଉପକାର କରୁଛି, ତୁମେ ବାପା, ମା, ଭାଇ ବା ଭଉଣୀଙ୍କ ସଙ୍ଗେ କଥାବାର୍ତ୍ତା କରି ଲେଖ ।

______________________________

______________________________

______________________________

______________________________

______________________________



ଜାତୀୟ ପକ୍ଷୀ



ଜାତୀୟ ପଶୁ

# ବଣ ଓ ବଣି




ଦେଖିଲା କୁନା    ମହୁଲ ଡାଳେ
ବସିଛି ଏକ ବଣି,
ଝଡୁଛି ଯେତେ    ମହୁଲ ଫୁଲ
ହିସାବ କରେ ଗଣି ।
ଡାକିଲା କୁନା    କିଆଁଲୋ ବଣି
ଘଷୁଛୁ ଥଣ୍ଟ ଡାଳେ ?
ଆ' ମୋ' ପାଶେ    ଖାଇବୁ ଯେବେ
ମିଠା ପିଜୁଳି ଫାଳେ ।
ସୁନାର ଏକ    ପଞ୍ଜୁରି ଗଢ଼ି
ଆଣିବେ ବାପା ମୋର,
ମାଆଠୁ ମାଗି    ଦେବିଲୋ ତୋତେ
କଦଳୀ, ଛେନା, ସର ।
ସୁନା ଗିନାରେ    ଦେବି ମୁଁ ପାଣି
ରୁପା ଥାଳିରେ ଭାତ,
ବୁଲାଇ ନେବି    ମେଳାକୁ ତୋତେ
ଦେଖିବୁ କେତେ ଯାତ ।



କହିଲା ବଣି କୁନା ଭାଇନା,
କହିଲ ସତ ଏକା,
ମନରେ ତୁମ ଶରଧା ଥାଉ
ନିଇତି ହେବ ଦେଖା ।
ଗଛରୁ ଗଛ ଉଡ଼ି ଉଡ଼ିକା
ପାଉଛି କେତେ ସୁଖ,
ଆକାଶେ ଥାଇ ଦେଖଇ ମୁହିଁ
ଜହ୍ନମାମୁର ମୁଖ ।
ବୁଲୁଛି ଖାଇ ବଣର ଫଳ
କେତେ ଯେ ମିଠା କୋଳି
ଗଛର ଡାଳେ ପବନ ତାଳେ
ଖେଳଇ ମୁହିଁ ଦୋଳି ।
ମନ ଆନନ୍ଦେ ଉଡ଼ି ବୁଲଇ
ଖୁସିରେ ଗାଏ ଗୀତ
ନ ମାନେ ଝଡ଼ି, ବରଷା ଖରା
ନ ମାନେ ପୁଣି ଶୀତ ।
କୁନା ଭାଇନା ସୁନା ପଞ୍ଜୁରି
ଦେବକି ସେଇ ସୁଖ,
ପର ଅଧୀନ ବନ୍ଦୀ ଜୀବନ
ଅଟଇ ବଡ଼ ଦୁଃଖ ।
ଲୋଡ଼ା ନାହିଁ ମୋ ସୁନା ପଞ୍ଜୁରି
ରୁପା ଥାଳିର ଭାତ,
ଗଛର ଡାଳ ସରଗ ମୋର
ବଣ ପରା ମୋ' ମିତ ।





## ଆସ ଜାଣିବା କେତୋଟି ନୂଆ ଶବ୍ଦ

ପଞ୍ଜୁରି, ମିତ, ଯାତ, ପରାଣ, ଅଧୀନ, ବନ୍ଦୀ

### ଶିକ୍ଷକଙ୍କପାଇଁ ସୂଚନା

- ସ୍ୱାଧୀନତାର ମୂଲ୍ୟ ସଂପର୍କରେ ବୁଝାଇବେ ।
- ପର ଅଧୀନରେ ଥାଇ ଯେତେ ସମ୍ପଦ ମିଳିଲେ ମଧ୍ୟ ତାହା ଯେ ମୂଲ୍ୟହୀନ, ଏକଥା ବୁଝାଇବେ ।
- ପଶୁପକ୍ଷୀମାନେ ସ୍ୱାଧୀନ ଭାବରେ ରହିଲେ କି ଆନନ୍ଦ ପାଆନ୍ତି, ତାହା ବୁଝାଇବେ ।




୧. ଆସ କବିତାରୁ ଖୋଜି କହିବା ।

(କ) କିଏ ମହୁଲ ଫୁଲକୁ ଗଣୁଥିଲା ?

(ଖ) ବଣି ଗଛ ଡାଳରେ ଥଣ୍ଟ ଘଷୁଥିବାବେଳେ କୁନା ତାକୁ କ'ଣ କହିଲା ?

(ଗ) କୁନା ବଣିକୁ କ'ଣ ଖାଇବାକୁ ଦେବ ବୋଲି କହିଲା ?

(ଘ) ବଣି କାହାକୁ ନିଜର ମିତ ବୋଲି କହିଲା ?

୨. ଆସ 'ବଣ ଓ ବଣି' କବିତାର ଶେଷ ଦୁଇପଦ ଆବୃତ୍ତି କରିବା ।

୩. ତଳେ ଦିଆଯାଇଥିବା ପଦଟିକୁ ସଜାଡ଼ି ଲେଖିବା ।

ଲୋଡ଼ା ନାହିଁ ମୋ ରୁପା ଥାଳିର ଭାତ ସୁନା ପଞ୍ଜୁରି

ବଣ ପରା ମୋ ମିତ ଗଛର ଡାଳ ସରଗ ମୋର ।

________________________________

________________________________

୪. ବଣି ପରି ଆଉ କେଉଁ କେଉଁ ଚଢ଼େଇ ଆମର ମିତ ହୋଇପାରିବେ ତା'ର ଏକ ତାଲିକା କର ।

________________________________

୫. ଯେପରି **ବସିବସି ଯିବାକୁ** ଆମେ- **ବସିବସିକା** କହୁ, ସେହିପରି କ'ଣ ହେବ ଲେଖ।

ଉଡ଼ି ଉଡ଼ି ଯିବାକୁ -

ଚାଲି ଚାଲି ଯିବାକୁ -

ଦୌଡ଼ି ଦୌଡ଼ି ଯିବାକୁ -


ଗାଇ ଗାଇ ଯିବାକୁ -

ନାଚି ନାଚି ଯିବାକୁ -

୬. କବିତାରେ 'ଆଣିବେ ବାପା ମୋର' କୁହାଗଲାବେଳେ, କଥାରେ 'ମୋ' ବାପା ଆଣିବେ'ବୋଲି କୁହାଯାଏ।

| ସେହିପରି କବିତାରେ | କଥାରେ କ'ଣ ହେବ ? |
|---|---|
| ଦେଖିବୁ କେତେ ଯାତ - | ______ |
| ଘଷୁଛୁ ଥଣ୍ଟ ଡାଳେ- | ______ |
| ନିଇତି ହେବ ଦେଖା- | ______ |
| ପାଉଛି କେତେ ସୁଖ- | ______ |

୭. ବଣ ଓ ବଣିର ଚିତ୍ରରେ ରଙ୍ଗ ଦିଅ।




୮. ଆସ ପଦ୍ୟ ରୂପକୁ ଗଦ୍ୟରେ ପ୍ରକାଶ କରିବା ।

| | | | |
|---|---|---|---|
| ଶରଧା | | ସରଗ | |
| ନିଇତି | | ପରାଣ | |

ଏମିତି ଆଉ କେତୋଟି ଶବ୍ଦ ଖୋଜି, ସେଗୁଡ଼ିକୁ ଗଦ୍ୟରେ ପ୍ରକାଶ କର ।

୯. କୁନା ଓ ବଣି ଚଢ଼େଇର କଥାବାର୍ତ୍ତା ନିଜନିଜଭିତରେ ଅଭିନୟ କରି ବର୍ଣ୍ଣନା କର ।

୧୦. ଚିତ୍ରରେ ଯାହା ଦେଖୁଛ, ସେ କଥା ତିନୋଟି ଧାଡ଼ିରେ ଲେଖ ।



୧୧. ଆମେ ବଣଠାରୁ କି ଉପକାର ପାଉ ଲେଖ ।

# ବିପ୍ଳବୀ ବକ୍ସି ଜଗବନ୍ଧୁ



(ଖୋର୍ଦ୍ଧାର ଜଙ୍ଗଲ ଅଞ୍ଚଳରେ ଗୋଟିଏ ନିକାଞ୍ଚନ ଜାଗା । ସେଠାରେ ଚିନ୍ତିତ ଭାବରେ ବସିଥାନ୍ତି ସର୍ଦ୍ଦାର କରୁଣାକର, ସର୍ଦ୍ଦାର ଛୁଆଳସିଂହ, ନରଣଗଡ଼ର ଦଳବେହେରା ପ୍ରଭୃତି ପାଇକ ଦଳପତି ଓ ଅନେକ ପାଇକ । ଗୋଟିଏ ପଥରଦେହରେ ଭରାଦେଇ ଛିଡ଼ା ହୋଇଥା'ନ୍ତି ସେମାନଙ୍କର ନେତା ବକ୍ସି ଜଗବନ୍ଧୁ)

ଛୁଆଳସିଂହ- (ଦୀର୍ଘ ନିଃଶ୍ୱାସ ପକାଇ)ନା, ଆଉ ଚିନ୍ତାକରି କି ଲାଭ ? ଭାରତର ପ୍ରତ୍ୟେକ ରାଜ୍ୟ ଆଜି ଇଂରେଜ ଅଧିକାରରେ । ଓଡ଼ିଶାରେ ହିଁ କେବଳ ଆମେ ବର୍ଷବର୍ଷକାଳ ତାଙ୍କ ବିରୋଧରେ ଯୁଦ୍ଧ କରିଆସୁଛୁ । ଖୋର୍ଦ୍ଧାକୁ ଛାଡ଼ିଦେଲେ ଓଡ଼ିଶାର ସବୁଅଞ୍ଚଳକୁ ଇଂରେଜମାନେ ଦଖଲ କରିନେଲେଣି । କେତେ ଦିନ ଆଉ ଏକାକୀ ଖୋର୍ଦ୍ଧା ସେମାନଙ୍କୁ ଅଟକାଇ ପାରିବ ?

ବକ୍ସି- (ଦୃଷ୍ଟି ଫେରାଇ) ତେବେ, ତୁମେ କ'ଣ କହିବାକୁ ଚାହଁ, ଛୁଆଳସିଂହ ?

ଛୁଆଳସିଂହ- ଭାରତର କୋଟିକୋଟି ଲୋକ ଯେତେବେଳେ ଇଂରେଜ ଶାସନକୁ ମାନିନେଲେଣି, ଅଳ୍ପ କେତେ ହଜାର ପାଇକ ଇଂରେଜମାନଙ୍କୁ ହଟାଇ ପାରିବା ଆଉ ସମ୍ଭବ କି ?

କରୁଣାକର- ସମ୍ଭବ, ନିଶ୍ଚୟ ସମ୍ଭବ।

ଛୁଆଳସିଂହ- ନା, ନୁହେଁ, କଦାପି ନୁହେଁ।

ଜଣେ ପାଇକ- କଦାପି ନୁହେଁ ? ତେବେ କ'ଣ ଆମେ ଇଂରେଜଙ୍କ ପାଖରେ ଶରଣ ପଶିବୁ, ଏଇଆ ତୁମର ଇଚ୍ଛା ଛୁଆଳସିଂହ ?

କରୁଣାକର- ନା, ନା, ତା' ହୋଇ ନ ପାରେ। ସୂର୍ଯ୍ୟ ପଶ୍ଚିମଦିଗରେ ଉଦୟ ହେଲେ ମଧ ତାହା ହେବ ନାହିଁ । ଜାତିର ସମ୍ମାନ ରକ୍ଷାପାଇଁ କେତେ ଯେ ପାଇକଙ୍କର ମସ୍ତକ ଯୁଦ୍ଧଭୂଇଁରେ ଗଡ଼ି ନାହିଁ ନା ଏବେ ବି କ'ଣ ସେମାନଙ୍କ ମସ୍ତକ ଗଡୁ ନାହିଁ ? ଏତେ ଚଞ୍ଚଳ କ'ଣ ଭୁଲିଗଲ ବୀର ନେତା ଜୟୀ ରାଜଗୁରୁଙ୍କୁ ? 'ଫାଶିଦିଆ' ବରଗଛରେ ଝୁଲେଇ ତାହାଙ୍କୁ ନିର୍ଦ୍ଦୟ ଭାବରେ ହତ୍ୟା କରି ନ ଥିଲେ ଇଂରେଜମାନେ ? ଏସବୁ କ'ଣ ମନେନାହିଁ ତୁମର ଛୁଆଳସିଂହ ?

ଛୁଆଳସିଂହ- ମନେଅଛି ସର୍ଦ୍ଦାର, ସବୁ ମନେଅଛି । କିନ୍ତୁ ଆମର ଅବସ୍ଥା ଯେ ଆଜି ଖରାପ ।

ଦଳବେହେରା – ଖରାପ ! କ'ଣ ଖରାପ, ଛୁଆଳସିଂହ ? ଲୋକେ ତ ଆମର ବଳ, ଲୋକେ ତ ଆମର ଶକ୍ତି । ଲୋକେ କ'ଣ ନାହାନ୍ତି ଆମ ପକ୍ଷରେ ? ଆମେ କ'ଣ ଲଢୁନାହୁଁ ସେମାନଙ୍କର ମଙ୍ଗଳପାଇଁ ? ଦମ୍ଭ ହରାଉଛ କାହିଁକି ?

(ଏହି ସମୟରେ ଝପଟସିଂହ ଓ ବଳିୟାରସିଂହ ନାମକ ଦୁଇଜଣ ପାଇକ ପ୍ରବେଶ କଲେ)

ବକ୍ସି- (ସେମାନଙ୍କୁ ଚାହିଁ) ଖବର କ'ଣ ?

ଝପଟସିଂହ-ଆପଣଙ୍କ ପରିବାରର ସମସ୍ତଙ୍କୁ ବାନ୍ଧିନେଇଛନ୍ତି ଇଂରେଜମାନେ। ମାଆ, ସ୍ତ୍ରୀ, ପୁଅ, ପୁତୁରା ସମସ୍ତଙ୍କୁ।



ବକ୍ସି- (ଟିକିଏ ନୀରବ ରହି) ତେବେ କ'ଣ କେଉଁଠି ହେଲେ ପାଇକମାନେ ଇଂରେଜଙ୍କ ସଙ୍ଗେ ଲଢ଼ିନାହାନ୍ତି ?

ବଳିୟାରସିଂହ- ରୋଡ଼ଙ୍ଗର ସାହିସାହି ଓ ଆଖପାଖର ଗାଆଁ ସବୁ ହୁତ୍‌ହୁତ୍ ହୋଇ ଜଳୁଛି ଆଜ୍ଞା ।

ବକ୍ସି- କିନ୍ତୁ କେହି କ'ଣ କେଉଁଠି ବାଧା ଦେଇ ନାହାନ୍ତି ସେମାନଙ୍କୁ ?

ଝପଟସିଂହ-ଦେଇଛନ୍ତି ଆଜ୍ଞା । ସେଦିନ ଲେମ୍ବେଇ ପ୍ରଗଣାରେ ଇଂରେଜମାନଙ୍କର ତୋପ ଗର୍ଜି ଉଠିଲା । ଆମର ଦଳକୁ ଦଳ ପାଇକ ଗୁଳିଗୋଳାକୁ ଖାତିର ନକରି ସେମାନଙ୍କୁ ଆକ୍ରମଣ କଲେ । କେତେ ପାଇକ ଗୁଳି ମାଡ଼ରେ ଭୂଇଁରେ ଲୋଟିଗଲେ । ଆଉ ଜଣେ ପାଇକ ପାହାଡ଼ର କନ୍ଦି ବାଟେ ବୁଲିପଡ଼ି ତୀର ମାରି ଗଡ଼ାଇ ଦେଲେ ଇଂରେଜ ସୈନ୍ୟଙ୍କୁ । ସେଥିପାଇଁ ଅବସ୍ଥା ସମ୍ଭାଳି ହୋଇଗଲା, ନୋହିଲେ....

ଦଳବେହେରା- ନୋହିଲେ ?

ବଳିୟାରସିଂହ- ନୋହିଲେ ଆମର ଆହୁରି କେତେ ଯେ ପାଇକ ପ୍ରାଣ ହରାଇଥା'ନ୍ତେ କିଏ କହିବ !
ବନ୍ଧୁକ ନାହିଁ, କମାଣ ନାହିଁ,
ଗୁଳିଗୋଳା ବାରୁଦ ନାହିଁ ।



ଛୁଆଳ- ଶୁଣ, ଶୁଣ ସମସ୍ତେ । ମୁଁ ଯେ କହୁଥିଲି ଅବସ୍ଥା ଶୋଚନୀୟ, ବୁଝ, ଏବେ ତାହା ସତ କି ନୁହେଁ ? ନା, ଉପାୟ ନାହିଁ ଆଉ ।

ବକ୍ସି- (ଗମ୍ଭୀର ଭାବରେ ଜୋର ସହିତ) ଅଛି, ଉପାୟ ଅଛି ଛୁଆଳସିଂହ ।

ଛୁଆଳ- ଖାଲି ଉପାୟ ଥିଲେ କ'ଣ ହେବ ବକ୍ସି ? ଅସ୍ତ୍ର କାହିଁ ?

ବକ୍ସି- ଅଛି, ଅସ୍ତ୍ର ଅଛି ।

ସମସ୍ତେ- (ଏକ ସ୍ୱରରେ) କେଉଁଠି ଅଛି, କେଉଁଠି ଅଛି, ସେ କି ଅସ୍ତ୍ର, ସେନାପତି ?

ବକ୍ସି- ସେ ଏକ ନୂଆ ପ୍ରକାରର ଅସ୍ତ୍ର । ଅଛି ତୁମ ପାଖରେ, ଅଛି ମୋ ପାଖରେ, ଅଛି ପ୍ରତ୍ୟେକଙ୍କ ପାଖରେ । ସେ ଅସ୍ତ୍ର ହେଉଛି ଇଂରେଜମାନଙ୍କ ସହିତ ଅସହଯୋଗ ।



କରୁଣାକର- ଅସହଯୋଗ ! ସେ ପୁଣି କ'ଣ ?

ବକ୍ସି- ହଁ, ଅସହଯୋଗ । ଇଂରେଜ ବା ଇଂରେଜପକ୍ଷର ଜଣେ ହେଲେ କାହାରି ସହିତ ଆମେ କୌଣସି ସମ୍ପର୍କ ରଖିବା ନାହିଁ । ଇଂରେଜମାନେ ଆମଠାରୁ କର ଆଦାୟ କରି ସେହି ଧନରେ ଆମ ବିରୋଧରେ ଲଢ଼େଇ କରୁଛନ୍ତି । ଆମରି କ୍ଷେତର ଶସ୍ୟରେ ପୂର୍ଣ୍ଣ କରୁଛନ୍ତି ତାଙ୍କର ଖାଦ୍ୟଭଣ୍ଡାର । ଆଜିଠାରୁ ସେମାନଙ୍କୁ ଗୋଟିଏସୁଦ୍ଧା କଉଡ଼ି ଦେବା ନାହିଁ । ଆମର ବିଶ୍ୱାଏ ଜମିରେ ମଧ ଲଙ୍ଗଳଗାର ମାରିବା ନାହିଁ । ପଡୁ, ବର୍ଷବର୍ଷ କାଳ ସମସ୍ତ ଜମି ପଡ଼ିଆ ପଡୁ । ଲୋକେ ଗ୍ରାମରେ ଥିବାରୁ ସିନା ସେମାନଙ୍କ ଉପରେ ଇଂରେଜମାନେ ଅତ୍ୟାଚାର କରୁଛନ୍ତି । ପରିବାର ଘେନି ସମସ୍ତେ ଚାଲ ଜଙ୍ଗଲକୁ ଚାଲିଯିବା । ଏଣିକି ଦେଖିବା, ଇଂରେଜ ପକ୍ଷର ଲୋକ କେହି ଯେପରି ମୁଠାଏ ଅନ୍ନ କି ଟୋପାଏ ପାଣି କେଉଁଠାରେ ନ ପା'ନ୍ତି ।

କରୁଣାକର- ଏ ତ ଏକ ନୂଆ କୌଶଳ ! ବାସ୍ତବରେ ଏହା ଯଦି ସଫଳ ହୁଏ-

ବକ୍ସି- ହେବ, ହେବ, ନିଶ୍ଚୟ ସଫଳ ହେବ ସର୍ଦ୍ଦାର । ଇଂରେଜ ଏଣିକି କାହାଠାରୁ କର ଆଦାୟ କରିବ କରୁ, କାହାର ଫସଲ ନେବ ନେଉ, କାହା ଉପରେ ଅତ୍ୟାଚାର କରିବ କରୁ । ଦେଖ, ବିଚାର କରି ଦେଖ ।

ଦଳବେହେରା- ବିଚାର ଆଉ କ'ଣ ବକ୍ସି ? ଏହାହିଁ ତ ଶେଷ ନିଷ୍ପତ୍ତି ।

କରୁଣାକର– ବେଶ୍, ତା' ହେଲେ ଆଜିଠାରୁ ଏହି ନୂଆ ଯୁଦ୍ଧ ଆରମ୍ଭ ହେଉ ।

ବକ୍ସି– ଆମେ ଏଇ ପନ୍ଥାରେ ଦୃଢ଼ ରହିଲେ ଦିନେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟ ହେବେ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ନିକାଞ୍ଚନ, ନିର୍ଦ୍ଦୟ, ଶରଣ, ଅଧିକାର, ଅସହଯୋଗ, ହୁତୁହୁତୁ, ବିରୋଧ, ପନ୍ଥା, ଅସ୍ତ୍ର

**ଶିକ୍ଷକଙ୍କ ପାଇଁ ସୂଚନା**

- ଦେଶପାଇଁ ପ୍ରାଣବଳି ଦେଇଥିବା ବ୍ୟକ୍ତି ଚିରଦିନ ପୂଜାପାଏ, ଏ କଥା ବିଶଦଭାବେ ବୁଝାଇବେ ।
- ଜାତୀୟତାବୋଧ ଓ ବୀରପୁରୁଷଙ୍କ ବଳିଦାନ ସମ୍ବନ୍ଧରେ ଉଦାହରଣ ସହ ବୁଝାଇବେ ।
- ଆମ ରାଜ୍ୟର ଅନ୍ୟାନ୍ୟ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ କହିବେ ।
- ନାଟକର ଶୈଳୀ ସମ୍ବନ୍ଧରେ ପିଲାଙ୍କୁ ପ୍ରତ୍ୟକ୍ଷ ଧାରଣା ଦେବାପାଇଁ ଅଭିନୟକରି ଶ୍ରେଣୀଗୃହରେ ବିଷୟଟିକୁ ଉପସ୍ଥାପନ କରିବେ ।




୧. ଆସ ଅଭିନୟ ଛଳରେ କଥାବାର୍ତ୍ତା କରିବା ।

(କ) ''ନା, ନା, ତା' ହୋଇନପାରେ । ସୂର୍ଯ୍ୟ ପଶ୍ଚିମ ଦିଗରେ ଉଦିତ ହେଲେ ମଧ୍ୟ ତାହା ହେବ ନାହିଁ ।''

(ଖ) ''ଲୋକେ ତ ଆମର ବଳ, ଲୋକେ ତ ଆମର ସାହସ ।''

(ଗ) "କେଉଁଠି ଅଛି, କେଉଁଠି ଅଛି ? ସେ କି ଅସ୍ତ୍ର, ସେନାପତି ? ''

(ଘ) ''ଆମେ ଏଇ ପନ୍ଥାରେ ଦୃଢ଼ ରହିଲେ ଦିନେ ଇଂରେଜମାନେ ଭାରତ ଛାଡ଼ି ଚାଲିଯିବାକୁ ବାଧ୍ୟହେବେ ।''

୨. ତଳେ କେତୋଟି ଶବ୍ଦ ଦିଆଗଲା । ଏଥିମଧ୍ୟରୁ ଯେଉଁଗୁଡ଼ିକୁ ଆମେ ଏହି ପାଠରେ ପଢ଼ିଛୁ ଆସ ତାକୁ ଖୋଜିବା ଏବଂ ବାକ୍ୟ ଗଢ଼ି ଲେଖିବା ।

ପାଇକ, ଫାଶି, ଘାସ, କଲମ, ଫସଲ, ଅସହଯୋଗ, ଶସ୍ୟ, ବିମାନ

________________________________________

________________________________________

________________________________________

________________________________________

________________________________________

________________________________________

________________________________________

________________________________________

୩. କିଏ କାହାକୁ ଏକଥା କହିଛନ୍ତି, ବହିରୁ ଖୋଜି ତଳେ ଦିଆଯାଇଥିବା ନାମ ସହିତ ଯୋଡ଼ ।

(କ) ''କେତେଦିନ ଆଉ ଏକାକୀ ଖୋର୍ଦ୍ଧା ସେମାନଙ୍କୁ ଅଟକାଇ ପାରେ ?''

(ଖ) ''ଲୋକେ ତ ଆମର ଶକ୍ତି, ଲୋକେ ତ ଆମର ସାହସ ।''

(ଗ) ''ଖାଲି ଉପାୟ ଥିଲେ କ'ଣ ହେବ, ଅସ୍ତ୍ର କାହିଁ ?''

(ଘ) '"ସେ ଏକ ନୂଆ ପ୍ରକାରର ଅସ୍ତ୍ର । ଅଛି ତୁମ ପାଖରେ, ଅଛି ମୋ ପାଖରେ, ଅଛି ପ୍ରତ୍ୟେକଙ୍କ ପାଖରେ ।''

ଛୁଆଳସିଂ, ଦଳବେହେରା, କରୁଣାକର,
ବକ୍ସି ଜଗବନ୍ଧୁ, ଝପଟସିଂହ, ବଳିୟାରସିଂହ

୪. ଡାହାଣ ପାଖରୁ ଅକ୍ଷରଟିଏ ବାଛି ଆଣି ଶବ୍ଦଟିଏ ଗଢ଼ ।

ନିକା______ନ　　　କ______

ବିରୋ______　　　ପ______

ସ_____ନ　　　ନି______ୟ

ଞ୍ଚ, ତା, ହ୍ମା, ଧ, ର୍ଦ୍ଧ, ଦ୍ଧି, ନ୍ଥା, ସ

୫. ଆସ ଉତ୍ତର ଲେଖିବା ।

(କ) ବକ୍ସି ଜଗବନ୍ଧୁ କିଏ ?

______________________________________

______________________________________

(ଖ) ଜୟୀ ରାଜଗୁରୁ କିଏ ?

______________________________________

______________________________________

(ଗ) ବକ୍ସିଙ୍କ ପରିବାରକୁ ଇଂରେଜମାନେ କାହିଁକି ବାନ୍ଧିନେଲେ ?

______________________________________

______________________________________

୬. ତଳ କୋଠରି ଭିତରୁ ଶବ୍ଦ ବାଛି ଖାଲିସ୍ଥାନ ପୂରଣ କର ।

(କ) ଭାରତର ପ୍ରତ୍ୟେକ ରାଜ୍ୟ ଆଜି ____________ ଅଧିକାରରେ ।

(ଖ) ____________ କୁ ଛାଡ଼ିଦେଲେ ଓଡ଼ିଶାର ସବୁ ଅଞ୍ଚଳ ଇଂରେଜମାନେ ଦଖଲ କଲେଣି ।

(ଗ) ସୂର୍ଯ୍ୟ ____________ ରେ ଉଦିତ ହେଲେ ମଧ୍ୟ ତାହା ହେବ ନାହିଁ ।

(ଘ) ____________ ର ସାହିସାହି ଓ ଆଖପାଖରେ ଗାଆଁ ସବୁ ହୁତ୍‌ହୁତ୍ ହୋଇ ଜଳୁଛି ।

(ଙ) ସେ ଅସ୍ତ୍ର ହେଉଛି ଇଂରେଜମାନଙ୍କ ସହ____________ ।

| |
|---|
| ଅସହଯୋଗ, ପଶ୍ଚିମ, ଇଂରେଜ, ରୋଡ଼ଙ୍ଗ, ଖୋର୍ଦ୍ଧା, ଅହିଂସା, ଶରଣ |


୭. ଏହି ବିଷୟଟିରେ ଅସହଯୋଗକୁ ଅସ୍ତ୍ର ରୂପେ ଗ୍ରହଣ କରାଯାଇଛି । ଏହା କିପରି ଅସ୍ତ୍ର ହେଲା ତାହା ନିଜ ଭାଷାରେ ଲେଖ ।

୮. ଚିତ୍ରଗୁଡ଼ିକୁ ଦେଖ ଓ ସେ ସଂପର୍କରେ ଯାହା ଭାବୁଛ ଲେଖ ।









୯. ଓଡ଼ିଶାର କେତେଜଣ ସ୍ୱାଧୀନତା ସଂଗ୍ରାମୀଙ୍କ ନାମ ତଳେ ଦିଆଗଲା । ସେମାନେ କିଏ କେଉଁ ସ୍ଥାନ ସହ ସଂପୃକ୍ତ ଥିଲେ ଗାର ଟାଣି ଦ୍ୱିତୀୟ ସ୍ତମ୍ଭରୁ ଚିହ୍ନାଇ ଦିଅ । (ଯଦି ଜାଣି ନାହଁ, ପଚାରି ବୁଝ)

| | | |
|---|---|---|
| (କ) | ୧. ବିର୍ସା ମୁଣ୍ଡା | ଖୋର୍ଦ୍ଧା |
| | ୨. ବକ୍ସି ଜଗବନ୍ଧୁ | କେନ୍ଦୁଝର |
| | ୩. ଧରଣୀଧର | ସୁନ୍ଦରଗଡ଼ |
| | ୪. ଲକ୍ଷ୍ମଣ ନାୟକ | ସମ୍ବଲପୁର |
| | ୫. ବୀର ସୁରେନ୍ଦ୍ର ସାଏ | କୋରାପୁଟ |

(ଖ) ଉପର ପ୍ରଶ୍ନରେ ଥିବା ଜିଲ୍ଲାଗୁଡ଼ିକୁ ମାନଚିତ୍ରରେ ଚିହ୍ନାଇ ଦିଅ ।




# ବନ୍ଦେ ଉତ୍କଳ ଜନନୀ



ବନ୍ଦେ ଉତ୍କଳ ଜନନୀ
ଚାରୁ ହାସମୟୀ ଚାରୁ ଭାଷମୟୀ
ଜନନୀ, ଜନନୀ, ଜନନୀ.... ।
ପୂତ-ପୟୋଧି-ବିଧୌତ-ଶରୀରା,
ତାଳ ତମାଳ-ସୁଶୋଭିତ-ତୀରା,
ଶୁଭ୍ର ତଟିନୀ କୂଳ-ଶୀକର-ସମୀରା
ଜନନୀ, ଜନନୀ, ଜନନୀ.... ।
ଘନଘନ ବନଭୂମି ରାଜିତ ଅଙ୍ଗେ
ନୀଳ ଭୂଧରମାଳା ସାଜେ ତରଙ୍ଗେ,
କଳକଳ ମୁଖରିତ ଚାରୁ ବିହଙ୍ଗେ,
ଜନନୀ, ଜନନୀ, ଜନନୀ... ।
ସୁନ୍ଦର ଶାଳି-ସୁଶୋଭିତ-କ୍ଷେତ୍ରା
ଜ୍ଞାନ-ବିଜ୍ଞାନ-ପ୍ରଦର୍ଶିତ-ନେତ୍ରା
ଯୋଗୀ ଋଷିଗଣ-ଉଟଜ-ପବିତ୍ରା
ଜନନୀ, ଜନନୀ, ଜନନୀ.... ।

କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ରଚିତ ଉପରୋକ୍ତ କବିତାଟି ଓଡ଼ିଶା ବିଧାନସଭାରେ ଜାତୀୟ ଗାନର ସମ୍ମାନ ପାଇଥିବାରୁ, ଏହାକୁ ଗାନକଲାବେଳେ ସେଠାରେ ଉପସ୍ଥିତ ସମସ୍ତେ ଠିଆ ହୋଇ ଉତ୍କଳ ଜନନୀଙ୍କୁ ସମ୍ମାନ ଜଣାଇବେ ।


An extraordinary life
A life full of adventure, honour and glory
Where you are one among a million,
and one in a million.
Be The Best
Join Indian Army
www.joinindianarmy.nic.in

# ARMS YOU FOR LIFE AND A CAREER......

INDIAN ARMY

| CATEGORY | EDUCATION | AGE |
|---|---|---|
| (1) Soldier (General Duty) (All Arms) | SSLC/Matric 45% marks in aggregate and 32% in each subject. No % required if Higher Qualification, then only pass in matric ie. 10+2 and above. | 17 1/2 - 21Yrs |
| (2) Soldier (Technical) (Technical Arms, Artillery) | 10+2/Intermediate exam. pass in Science with Physics, Chemistry, Maths and English. | 17 1/2 - 23 Yrs |
| (3) Soldier Clerk/Store Keeper Technical (All Arms) | 10+2/Intermediate examination pass in any stream (Arts, Commerce, Science) with 50% marks in aggregate and min. 40% in each subject. No stipulation of marks for higher qualification. | 17 1/2 - 23 Yrs |
| (4) Soldier Nursing Assistant (Army Medical Corps) | 10+2/Intermediate exam pass in Science with Physics, Chemistry, Biology and English with minimum 50% marks in aggregate and minimum 40% marks in each subject. | 17 1/2 - 23 Yrs |
| (5) Soldier Tradesman (All Arms) | Non Matric | 17 1/2-23 Yrs |
| (6) Soldier (General Duty) Non Matric (All Arms) | Non Matric | 17 1/2-21 Yrs |
| (7) Surveyor Auto Cartographer (Engineers) | BA/BSc with Maths having passed Matric & 12th (10+2) with Maths & Science | 20-25 Yrs |
| (8) JCO (Religious Teacher) (All Arms) | Graduate in any discipline. In addition, qualification in his own religious denomination. | 27-34 Yrs |
| (9) JCO (Catering) (Army Service Corps) | 10+2, Diploma/Certificate course of a duration of one year or more in Cookery/Hotel Management and Catering technology from recognized University. AICTE recognition is not mandatory. | 21-27Yrs |
| (10) Havildar Education | GP "X" - M.A./M.Sc. Or B.A., B.Ed/B.Sc., B.Ed.<br>GP "Y" - B.A./B.Sc. Without B.Ed. | 20-25 Yrs |

**Note:** Dispensation in Education for enrolment as Sol (GD) is permissible to some selected States/Region/Class & Community by the Govt.
Details may be obtained from nearest ARO/ZRO.

(This data is only of informative value and subject to change.) For Details contact Recruiting staff.
Visit us at www.joinindianarmy.nic.in E-mail: recruitingdirectorate@vsnl.net